ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 42 | 16 - 22 October 2022 | Sambalpur | Page- 8 | Invitation Price Rs.10

# ସମ୍ବଲପୁର ସମେତ ୯ଟି ରେଳ ଷ୍ଟେସନ ବିକଶିତ ହେବ

ସମ୍ବଲପୁର : ସମ୍ବଲପୁର ଜଙ୍କସନ୍ ରେଳ ଷ୍ଟେସନ ସମେତ ପୂର୍ବତଟ ରେଳପଥ ଅଧୀନରେ ଥିବା ପଶ୍ଚିମ ଓଡିଶାର ୯ଟି ପ୍ରମୁଖ ରେଳ ଷ୍ଟେସନ ବି ବିକଶିତ ହେବ । ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରାଯିବ । ସେହିପରି ଅନେକ ନୂତନ ଟ୍ରେନ୍ ଚଳାଚଳ ସହିତ ସମସ୍ତ ଷ୍ଟେସନରେ ଯାତ୍ରୀ ସୁବିଧାକୁ ବୃଦ୍ଧି କରାଯିବ ବୋଲି ସମ୍ବଲପୁର ରେଳ ଡିଭିଜନ୍ ସ୍ତରୀୟ ସାଂସଦମାନଙ୍କ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ସାଂସଦ ରାଜ୍ୟସଭା ନିରଞ୍ଜନ ବିଶି ପ୍ରଥମେ ରେଳ ସମ୍ବନ୍ଧିତ ବିଭିନ୍ନ ପ୍ରସ୍ତାବ ଗୁଡିକୁ ଉପସ୍ଥାପନା କରିଥିଲେ । ଏଥିରେ ବଲାଙ୍ଗିର ଖୋର୍ଦ୍ଧା ରେଳ ଲାଇନର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବା, ବଲାଙ୍ଗିର ନୂଆଁପଡ଼ା ଭାୟା ହର୍ଡାଟାଲ-ଚୂଡ଼ାପାଲି ଭଇଁଷା- ପାଟଣାଗଡ- ଖପ୍ରାଖୋଲ ରେଳ ଲାଇନର ଫାଇନାଲ ଲୋକେସନ ସର୍ଭେ କାର୍ଯ୍ୟ ତୁରନ୍ତ ସମାପ୍ତ କରିବାକୁ ସେ ଦାବି କରିଥିଲେ । ସେହିପରି କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଥିବା ୭୫୦ ଏକର ରେଳ ଜମିରେ ରେଳ ୱାଗନ୍ କାରଖାନା ନିର୍ମାଣ ସମେତ ହସ୍ପିଟାଲ ନିର୍ମାଣ ପାଇଁ ଦାବି କରଥିଲେ । ଏହାଛଡା ଟିଟିଲାଗଡ, ବଲାଙ୍ଗୀର, କଣ୍ଟାବାଞ୍ଜି ଆଦି ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ସମତା




ଏକ୍ସପ୍ରେସ ଟ୍ରେନକୁ ସବୁଦିନିଆ କରିବା, କଣ୍ଟାବାଞ୍ଜିରୁ ଜୟପୁର ଭାୟା କୋକସରା ଧର୍ମଗଡ଼ ରେଳ ଲାଇନ ନିର୍ମାଣ, ଭୁବନେଶ୍ୱର-ବଲାଙ୍ଗିର ଇଣ୍ଟରସିଟି ଟ୍ରେନକୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ହୀରାକୁଦ ଏକ୍ସପ୍ରେସକୁ ଟିଟିଲାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ବଲାଙ୍ଗିର ବରଗଡ଼ର ଯାତ୍ରୀ ନୂଆଦିଲ୍ଲୀକୁ ଯାତାୟାତ ପାଇଁ ଟ୍ରେନ ଚଳାଚଳ ବ୍ୟବସ୍ଥା କରିବାକୁ ଦାବି କରିଥିଲେ ।

ସେହିପରି ସୁରେଶ ପୂଜାରୀ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ସମସ୍ତ ଷ୍ଟେସନରେ ଯାତ୍ରୀ ସୁବିଧା ବଢାଇବା ସହିତ ଅନେକ ନୂତନ ଟ୍ରେନ୍ ଚଳାଚଳ ପାଇଁ ଦାବି କରିଥିଲେ । ଅନ୍ୟ ସାଂସଦମାନେ ମଧ୍ୟ ନିଜ ନିଜ ଅଞ୍ଚଳର ଟ୍ରେନ୍ ସଂପର୍କିତ ସମସ୍ୟା ଏବଂ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବୈଠକରେ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା, ନୀତିଶ କୁମାର ଗଙ୍ଗଦେବ, ସୁରେଶ ପୂଜାରୀ, ବସନ୍ତ କୁମାର ପଣ୍ଡା ପ୍ରମୁଖ ମଧ ଯାତ୍ରୀ ମାନଙ୍କ ସୁବିଧା, ନୂତନ ରେଳ ଲାଇନ, ଗତିଶକ୍ତି, ବୁଲେଟ ଟ୍ରେନ, ଦିଲ୍ଲୀ-ମୁମ୍ବାଇ ଭଳିଆ ଓଡିଶା ବାସୀଙ୍କ ପାଇଁ ମେଟ୍ରୋ ଟ୍ରେନ ବ୍ୟବସ୍ଥା ଉପରେ ପ୍ରସ୍ତାବ ଆଗତ କରିଥିଲେ ।

ଏହି ଅବସରରେ ସମ୍ବଲପୁର ଷ୍ଟେସନ ସମେତ ରେଳ ମଣ୍ଡଳ ମଧରେ ନଅ ଗୋଟି ଷ୍ଟେସନର ଉନ୍ନତିକରଣ ପାଇଁ ଯୋଜନା କରାଯାଇଥିବା ନେଇ ଡିଆର୍ଏମ୍ ସୂଚନା ଦେଇଛନ୍ତି । ଏଥିରେ ସମ୍ବଲପୁର ରେଳ ଷ୍ଟେସନର ବିକାଶ ଶୀଘ୍ର ଶେଷ ହେବ । ଏହି ବିକାଶମୂଳକ କାର୍ଯ୍ୟ ମଧରେ ୱେଟିଂ ହଲ୍ ଏବଂ ଭିଆଇପି ଲାଉଞ୍ଜ, ଆରସିସି ଡ୍ରେନ୍ ସହିତ ବିଟୁମେନ ଟପ୍ ରୋଡ୍, ପାଥ୍ୱେ, ପର୍ଟିକୋ କଭର୍ ସେଡ୍, ଏଣ୍ଟ୍ରି ଏବଂ ଏକ୍ଜିଟ୍ ଗେଟ୍, ପାର୍କିଂ ଲଟ୍, ଷ୍ଟେସନ ବିଲ୍ଡିଂର ନବୀକରଣ, ଷ୍ଟେସନ ସଂଲଗ୍ନ ବିସ୍ତୃତ ଅଞ୍ଚଳରେ ବଗିଚା ଏବଂ ଲ୍ୟାଣ୍ଡସ୍କିପିଙ୍ଗ କାର୍ଯ୍ୟ, ଷ୍ଟେସନର ଇଲେକ୍ଟ୍ରିକାଲ୍ କାମ ଯେପରିକି ସର୍କୁଲାର କ୍ଷେତ୍ରର ଆଲୋକ ଓ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଏବଂ ସିଗନାଲ୍ ଓ ଟେଲିକମ୍ ଯୋଗାଯୋଗ କାର୍ଯ୍ୟ ଗୁଡିକ ଅନ୍ତର୍ଭୁକ୍ତ କରାଯିବ ବୋଲି ଡିଆର୍ଏମ୍ ସୂଚନା ଦେଇଛନ୍ତି । କୋଭିଡ୍ ୧୯ ମହାମାରୀ ସମୟରେ ରେଳବାଇର ମହତ୍ ଭୂମିକା ପାଇଁ ସାଂସଦ ମାନେ ରେଳବାଇକୁ ପ୍ରଶଂସା କରିଥିଲେ । ରେଳ କର୍ତ୍ତୃପକ୍ଷ ତରଫରୁ କାର୍ଯ୍ୟକାରୀ ମହା ପ୍ରବନ୍ଧକ ଶରତ କୁମାର ଶ୍ରୀବାସ୍ତବ, ଡି.ଆର.ଏମ ଭିନୀତ ସିଂ, ସର୍ବୋଚ୍ଚ ବିଦ୍ୟୁତ ଯନ୍ତ୍ରୀ, ସର୍ବୋଚ୍ଚ ବାଣିଜ୍ୟ ଯନ୍ତ୍ରୀ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ, ରେଳ ପୋଲିସ ମହା ନିର୍ଦ୍ଦେଶକ ସହିତ ଇଷ୍ଟ କୋଷ୍ଟ ରେଳ ଜୋନର ସମସ୍ତ ଅଧିକାରୀ, ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# ବେଦିକ କଲେଜ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ସମ୍ବଲପୁର: ସହର ଉପକଣ୍ଠସ୍ଥ ମାଝିପାଲି ବେଦିକ କଲେଜରେ ଆଉ ଏକ ଅଘଟଣ ଘଟିଛି । ଜଣେ ମହିଳା କର୍ମଚାରୀ ପାଞ୍ଚ ମହଲା ହଷ୍ଟେଲ କୋଠାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି




କରାଯାଇଛି । ଉପରୁ ପଡ଼ି ତାଙ୍କ ଗୋଡ଼ ଭାଙ୍ଗି ଯାଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ କର୍ମଚାରୀଙ୍କ ବୟାନ ରେକର୍ଡ କରିଛି । ସହକର୍ମୀ ଓ ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ମଧ ପଚରାଉଚରା କରୁଛି । ଆହତ କର୍ମଚାରୀ ହେଲେ ବଲାଙ୍ଗିର ଅଞ୍ଚଳର ଅଞ୍ଜଳି କୁମ୍ଭାର(୧୯) । ସେ ତୁଳିପ ଛାତ୍ରୀ ନିବାସରେ କିପିଙ୍ଗ୍ ଷ୍ଟାଫ ରୂପେ କାମ କରୁଥିଲେ । ସୋମବାର ସକାଳ ପ୍ରାୟ ୮ ସମୟରେ ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ୫ ମହଲା ବିଶିଷ୍ଟ ହଷ୍ଟେଲ କୋଠାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେ ତଳେ ପଡ଼ି ଛଟପଟ ହେଉଥିବା ବେଳେ ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପଠାଇଥିଲେ । ଦଶହରା ଛୁଟି ପରେ ସୋମବାର କିଛି ଅଭିଭାବକଙ୍କ ସହ ଛାତ୍ରଛାତ୍ରୀ କ୍ୟାମ୍ପସକୁ ଫେରିଥିବା ବେଳେ ସେମାନଙ୍କୁ ହଷ୍ଟେଲ ପରିସରକୁ ପ୍ରବେଶ ପାଇଁ ବାରଣ କରାଯାଇଥିଲା । ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷ କୌଣସି ସୂଚନା ଦେଉ ନାହାନ୍ତି । ତେବେ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ ପଛରେ ନିର୍ଯାତନା ଅଛି ନା ପ୍ରେମଜନିତ କାରଣରୁ ଏହା ଘଟିଛି ପୁଲିସ ତାହା ତଦନ୍ତ କରୁଛି ।

ସୂଚନାଯୋଗ୍ୟ ଯେ, କିଛିବର୍ଷ ତଳେ ଏହି କଲେଜରେ ବଡ଼ ଧରଣର ରାଗିଂ ଘଟଣା ପଦାକୁ ଆସିଥିଲା । ୪ ଜଣ ଛାତ୍ର ଯୁକ୍ତ ଦୁଇ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ଲୁହାଛଡ଼, ଷ୍ଟିଲ୍ ପାଇପ, ବେଲ୍ଟ ଓ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ହୋଇଥିବା ଛାତ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଘଟଣାକୁ ଚପାଇ ଦେବା ପାଇଁ ଆହତ ଛାତ୍ରଙ୍କ ଦେହରେ ଡେଟଲ ଓ ହଳଦୀ ଲଗାଇ ଦିଆଯାଇଥିଲା । ତାଙ୍କ ବାପା ମାଆଙ୍କଠାରୁ ଏହି ଘଟଣା ଲୁଚାଇ ରଖା ଯାଇଥିବା ବେଳେ ସଂଯୋଗକୁ ଚାରି ଦିନ ପରେ ପୁଅକୁ ଭେଟିବାକୁ ଆସି ବାପାମାଆ ପୁଅର ଅବସ୍ଥା ସମ୍ପର୍କରେ ଜାଣି ପାରିଥିଲେ । ଏହା ପରେ ଘଟଣା ପ୍ରଘଟ ହୋଇଥିଲା । ଏହି ଘଟଣାକୁ ଲୁଚାଇ ରଖିଥିବା କଲେଜ କର୍ତ୍ତୃପକ୍ଷ ପରେ ଗଣମାଧମର ପ୍ରତିକ୍ରିୟା ଯୋଗୁଁ ଆକ୍ରମଣକାରୀ ୪ ଛାତ୍ରଙ୍କ ବି ରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଥିଲେ । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଅଞ୍ଜଳି ବିବାହିତା । କିନ୍ତୁ ତାଙ୍କର ଛାଡ଼ପତ୍ର ହୋଇସାରିଛି । ସେ ୩/୪ ମାସ ତଳେ ଏହି କଲେଜରେ ଯୋଗ ଦେଇଥିଲେ । ଗତ କିଛି ଦିନ ହେଲା ସେ ଦୁଃଶ୍ଚିନ୍ତାଗ୍ରସ୍ତ ଥିଲେ । ବିଗତ ଦିନମାନଙ୍କରେ ଏହି ଅନୁଷ୍ଠାନରେ ଘଟିଥିବା ବିଭିନ୍ନ ଘଟଣାରେ ପୋଲିସ ସବୁ ଚାପି ଦେଇଥିବାରୁ ଏଥର ମଧ ପୋଲିସର ନିରପେକ୍ଷତା ନେଇ ସନ୍ଦେହ ପ୍ରକାଶ କରିଛି । ଅନୁଷ୍ଠାନର ମାଲିକ ଜଣେ ବିତ୍ତଶାଳୀ ବ୍ୟକ୍ତି ହୋଇଥିବାରୁ ସମସ୍ତ ଘଟଣା ଚପାଇ ଦେବାରେ ଧୁରନ୍ଧର ଥିବା ଅତୀତରେ ପ୍ରମାଣିତ ହୋଇଛି ।

# ବିନୀତ ସିଂ ସମ୍ବଲପୁର ରେଳ ମଣ୍ଡଳର ନୂତନ ରେଳ ପ୍ରବନ୍ଧକ

ସମ୍ବଲପୁର: ବିନୀତ ସିଂ ସମ୍ବଲପୁର ରେଳ ମଣ୍ଡଳରେ ନୂତନ ମଣ୍ଡଳ ରେଳ ପ୍ରବନ୍ଧକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ପଦବୀରେ ଯୋଗ ଦେବା ପୂର୍ବରୁ ସେ ନୂଆଦିଲ୍ଲୀ ସ୍ଥିତ ରେଳଟେଲ୍ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡରେ ନିର୍ବାହୀ କାର୍ଯ୍ୟ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ଥିଲେ । ଶ୍ରୀ ସିଂ ୧୯୯୦ ବ୍ୟାଚ୍ର ଭାରତୀୟ ରେଳସେବା (ମେକାନିକାଲ ଇଞ୍ଜିନିୟର୍ସ)ର ଅଧିକାରୀ । ସେ ଫେବୃଆରୀ ୧୯୯୨ରେ ଭାରତୀୟ ରେଳସେବାରେ



ନିଯୁକ୍ତ ହୋଇଥିଲେ । ସେ ମେକାନିକାଲ ଇଞ୍ଜିନିୟରିଂ ଏବଂ ଏମ୍ଡିଆଇ ଗୁରୁଗ୍ରାମରୁ ପିଜିଡିବିଏମ୍ରେ ଡିଗ୍ରୀ ହାସଲ କରିଛନ୍ତି । ଏହା ପୂର୍ବରୁ ସେ ଭାରତୀୟ ରେଳବାଇର ବିଭିନ୍ନ ପଦବୀରେ ନିର୍ଦ୍ଦେଶକ, କ୍ୟାରେଜ, ଆର୍ଡିଏସ୍ଓ, ବରିଷ୍ଠ ଯାନ୍ତ୍ରିକ ଯନ୍ତ୍ରୀ ଦିଲ୍ଲୀ, ଜିଜିଏମ୍, ଆଇଆରସିଟିସି ଆଦି ପଦବିରେ କାର୍ଯ୍ୟ କରିଛନ୍ତି । ସେ ନର୍ଥ ସେଣ୍ଟ୍ରାଲ ରେଳବାଇ ଝାନସୀ ମଣ୍ଡଳରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ମଧ କାମ କରିଛନ୍ତି ।

# ଏସଡିଏ ଅଧ୍ୟକ୍ଷ ପଦ ପୂରଣ କରାଗଲା ନାହିଁ

ସମ୍ବଲପୁର : ନିକଟରେ ରାଜ୍ୟ ସରକାର ବିଭିନ୍ନ ନିଗମ ଓ ବିଭାଗର ପରାମର୍ଶଦାତା, ଅଧକ୍ଷ ଆଦି ପଦରେ ଦଳୀୟ ରାଜନେତାମାନଙ୍କୁ ରାଜ୍ୟର ବିଜେଡି ସରକାର ଥଇଥାନ କରିଛନ୍ତି । କେତେକ ଜିଲ୍ଲାର ଏକାଧିକ ନେତାଙ୍କୁ ଥଇଥାନ କରାଯାଇଥିବା ବେଳେ ସମ୍ବଲପୁରିଆ ନେତାଙ୍କୁ ଅଣଦେଖା କରାଯାଇଛି । ଏପରିକି, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଅଧକ୍ଷ ପଦରେ ବି କାହାରିକୁ ନିଯୁକ୍ତି ଦିଆଯାଇନାହିଁ । ପୁଣି ଏସ୍ଡିଏ ଅଧକ୍ଷ ପଦ ଝୁଲି ରହିଛି ।

ରାଜ୍ୟରେ ବିଜେପି-ବିଜେଡି ମେଣ୍ଟ ସରକାର ଥିବା ବେଳେ ଏସ୍ଡିଏ ଅଧକ୍ଷ ପଦ ବିଜେପି ଖାତାରେ ଯାଇଥିଲା । ଜୟବ୍ରତ ଦେ ଏସ୍ଡିଏ ଅଧକ୍ଷ ହୋଇଥିଲେ । ତେବେ, ମେଣ୍ଟ ସରକାର ଭାଙ୍ଗିଯିବା ପରେ ଜୟବ୍ରତ ଦେ ଏସ୍ଡିଏ ଅଧକ୍ଷ ପଦ ଛାଡ଼ିଥିଲେ । ଅନେକ ମାସ ପର୍ଯ୍ୟନ୍ତ ଏହି ପଦ ଖାଲି ପଡ଼ିବା ପରେ ପୂର୍ବତନ ବିଜେଡ଼ି ଜିଲ୍ଲା ସଭାପତି ବିଜୟ ମହାନ୍ତିଙ୍କୁ ଏସ୍ଡିଏ ଅଧକ୍ଷ ପଦ ମିଳିଥିଲା । ଗତ ୨୦୧୪ ବିଧାନସଭା ନିର୍ବାଚନ ପରେ ଶ୍ରୀ ମହାନ୍ତି କିନ୍ତୁ ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଥିଲେ । ଇସ୍ତଫା ପ୍ରଦାନର ଦିନ କେଇଟା ପରେ ପୁଣି ମୁଖ୍ୟମନ୍ତ୍ରୀ ତାଙ୍କୁ ଏସ୍ଡିଏ ଅଧକ୍ଷ ପଦରେ ବସାଇ ଥିଲେ । ୨୦୧୯ ବିଧାନସଭା ନିର୍ବାଚନର କିଛି ମାସ ପରେ ଶ୍ରୀ ମହାନ୍ତି ପୁଣି ନିଜ ପଦରୁ ଇସ୍ତଫା ଦେଇଥିଲେ । ଗତ ଅକ୍ଟୋବର ୨୦୧୯ରୁ ଏସ୍ଡିଏ ଅଧକ୍ଷ ପଦ ଖାଲି ପଡ଼ିଛି । ନିର୍ବାଚନ ପରେ ରାଜ୍ୟ ସରକାର ବିଭିନ୍ନ ନିଗମ ତଥା ଅନ୍ୟାନ୍ୟ ସରକାରୀ ସଂସ୍ଥାରେ ରାଜନେତାମାନଙ୍କୁ ଥଇଥାନ କରିଥିଲେ । କିନ୍ତୁ, ଏସ୍ଡିଏ ଅଧକ୍ଷ ପଦ ନେଇ କୌଣସି ନିଷ୍ପତ୍ତି ନେଇ ନ ଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳର ନବକଳେବର ସମୟରେ ମନ୍ତ୍ରୀମାନଙ୍କ ସହିତ ସବୁ ଅଧକ୍ଷ ଓ ପରାମର୍ଶଦାତାଙ୍କ ଠାରୁ ମଧ ଇସ୍ତଫା ମାଗିଥିଲେ । ନିକଟରେ ବିଭିନ୍ନ ନିଗମର ଅଧକ୍ଷ ଓ ବିଭାଗର ପରାମର୍ଶଦାତା ଭାବେ ବହୁ ନେତାଙ୍କୁ ଥଇଥାନ କରାଯାଇଛି । ଏହି ତାଲିକାରେ ସମ୍ବଲପୁର ଜିଲ୍ଲାର କୌଣସି ରାଜନେତାଙ୍କ ନାମ ନାହିଁ । ନିର୍ବାଚନ ପୂର୍ବରୁ ଏବଂ ନିର୍ବାଚନ ସମୟରେ ଅନ୍ୟ ଦଳର କେତେକ ନେତା ବିଜେଡିରେ ସାମିଲ ହୋଇଥିଲେ । ସେମାନଙ୍କ ସହିତ ଦଳୀୟ ପଦପଦବି ପାଇନଥିବା ଅନ୍ୟ କେତେକ ନେତା ମଧ ଏସବୁ ପଦ ପାଇଁ ଆଶାୟୀ ରହିଥିଲେ । (ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଏ ସଂଖ୍ୟାରେ..


ଦୁଇ କୋଲା ରସୁଣରେ ହୃତପିଣ୍ଡ ସୁରକ୍ଷା


ସୌନ୍ଦର୍ଯ୍ୟ ବଢ଼ାଇବ ଭୃସୁଙ୍ଗ ପତ୍ର


ଔଷଧୀୟ ଲାଉ



କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଭିଟାମିନ୍ 'ଇ'


ସଂକ୍ରମଣରୁ ରକ୍ଷା କରେ ଅଙ୍ଗୁର


ନଡ଼ିଆର ଉପକାରିତା

## ପୁସ୍ତକ ସମୀକ୍ଷା

# କାବ୍ୟାଞ୍ଜଳି ଓ ଗୋପୀ ଚରିତ୍ର

-: ଲେଖକ :-

**ଗୋପୀନାଥ ଷଡ଼ଙ୍ଗୀ**

**ପ୍ରକାଶକ : ସିଦ୍ଧେଶ୍ୱରୀ ଧର୍ମ ସଂସଦ, ସମ୍ବଲପୁର**

ଇତି ମଧ୍ୟରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ସମ୍ବଲପୁର ପକ୍ଷରୁ ପ୍ରକାଶିତ ଶ୍ରୀଯୁକ୍ତ ଗୋପୀନାଥ ଷଡ଼ଙ୍ଗୀଙ୍କ ପୁସ୍ତକ 'କାବ୍ୟାଞ୍ଜଳି ଓ ଗୋପୀ ଚରିତ୍ର' ଉନ୍ମୋଚିତ ହୋଇ ଯାଇଛି । ପୂର୍ବରୁ ସାହିତ୍ୟିକ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଅନେକ ଧାର୍ମିକ ଓ ସାହିତ୍ୟ ପୁସ୍ତକ ରଚନା କରି ପାଠକ ପାଠିକାମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି ।

ଏବେ ତାଙ୍କର ଯେଉଁ ପୁସ୍ତକଟି ଲୋକ ଲୋଚନକୁ ଆସିଲା ତାହା ଦିଓଟି ଭାଗରେ ବିଭକ୍ତ ହୋଇଛି- ଗୋଟିଏ ହେଲା ଅନେକ କବିତା ସମ୍ବଳିତ କାବ୍ୟାଞ୍ଜଳି ଓ ଅନ୍ୟଟି କ୍ଷୁଦ୍ର ନାଟକ- ଗୋପୀ ଚରିତ୍ର ।

କାବ୍ୟାଞ୍ଜଳି : ଏହି କାବ୍ୟାଞ୍ଜଳିରେ କବି ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ରଚିତ ଅନେକ କବିତା ସମ୍ମିଳିତ ହୋଇଛି । ପୁନଶ୍ଚ ଏଇ କବିତାଗୁଡିକ ପବିତ୍ର ପ୍ରେମ ଉପରେ ଆଧାରିତ । ପତି ପତ୍ନୀଙ୍କ ମଧ୍ୟରେ ଥିବା ନିର୍ମଳ ଓ ଗଭୀର ପ୍ରେମ ପ୍ରତିଟି କବିତାରେ ଚଳଚଞ୍ଚଳ ହୋଇ ଉଠିଛି । କବି ଶ୍ରୀଯୁକ୍ତ ଷଡ଼ଙ୍ଗୀ ତାଙ୍କର ସ୍ୱର୍ଗତ ପତ୍ନୀଙ୍କ ପ୍ରତି ଥିବା ଅନାବିଳ, ପବିତ୍ର ପ୍ରେମକୁ କବିତା ମାଧ୍ୟମରେ ପ୍ରଦର୍ଶନ କରିଛନ୍ତି । ତାଙ୍କର ସବୁ କବିତା ସ୍ୱର୍ଗତ ପତ୍ନୀଙ୍କ ପ୍ରତି ବି ଉତ୍ସର୍ଗୀକୃତ ହୋଇଛି । ଏହାଛଡ଼ା, ଏଇ କାବ୍ୟାଞ୍ଜଳିର କବିତା ଗୁଡିକ ଅତି ସହଜ, ସୁନ୍ଦର ଭାଷାରେ ରଚିତ ହୋଇଛି । ଯେଉଁ ଗୁଡିକରେ ପ୍ରକୃତ ଦାମ୍ପତ୍ୟ ପ୍ରେମର ଚଳ ଚଞ୍ଚଳ ଉଦ୍‌ଗାର ଉଚ୍ଛୁଳ ଝରଣା ଭଳି ନାଚି ଉଠିଛି । ପତ୍ନୀଙ୍କ ପ୍ରତି ଥିବା କବିଙ୍କର ରାଗ ଅଭିମାନ ଓ ଅନୁତାପ ବିଭିନ୍ନ କବିତାରେ ଏକ ଅନନ୍ୟ ରୂପରେ ବି ରୂପାୟିତ ହୋଇଛି ।

ଏଇ କାବ୍ୟାଞ୍ଜଳିରେ ଯଦି ଓ କବିତା ଗୁଡିକ ସ୍ୱଚ୍ଛ, ସହଜ ଓ ସରଳ ରୂପ ପରିଗ୍ରହ କରିଛନ୍ତି ତଥାପି ସେହି କବିତା ଗୁଡିକର ଆତ୍ମା ଅତି ଗଭୀର ଅର୍ଥ ବୋଧକ ହୋଇ ପାରିଛି । କାବ୍ୟାଞ୍ଜଳିର କବିତା ଗୁଡିକ ପଢ଼ି ପାଠକ/ପାଠିକାମାନେ ଯେ ଏକ ନୂତନ ଭାବ ଅନୁଭବ କରିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଗୋପୀ ଚରିତ୍ର : ଏଇ ଗୋପୀ ଚରିତ୍ରଟି ଏକ କ୍ଷୁଦ୍ର ନାଟକ । ସାହିତ୍ୟିକ ଶ୍ରୀଯୁକ୍ତ ଗୋପୀନାଥ ଷଡ଼ଙ୍ଗୀ ନିଜର ଜନ୍ମ ହେବା ଦିନଠୁଁ ଆଜି ଯାଏଁ ତାଙ୍କ ଜୀବନରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଘଟଣାମାନ ଘଟିଛି, ସେସବୁକୁ ଏଇ କ୍ଷୁଦ୍ର ନାଟକ 'ଗୋପୀ ଚରିତ୍ର'ରେ ସନ୍ନିବେଶିତ କରିଛନ୍ତି ।

ଶ୍ରୀଯୁକ୍ତ ଷଡ଼ଙ୍ଗୀ ତାଙ୍କ ଜୀବନର ଦୁଃଖ, ସୁଖ ହସ କାନ୍ଦ ଓ ସୁବିଧା ଅସୁବିଧା ସଂପର୍କିତ ଘଟଣାମାନ ଅତି ସୁନ୍ଦର ଓ ସ୍ୱଚ୍ଛ ଭାବରେ ଏଇ ଗୋପୀ ଚରିତ୍ର ନାଟକରେ ଦର୍ଶାଇଛନ୍ତି ।

ଏଇ ଗୋପୀ ଚରିତ୍ର ନାଟିକାର ଭାଷା ସହଜ, ସରଳ କଥୋପକଥନ ଭଳି ହୋଇଛି । ଯାହାକୁ ସଭିଏଁ ବିନା କଷ୍ଟରେ ହୃଦୟଙ୍ଗମ କରି ପାରିବେ । କବି ତଥା ଲେଖକ ଗୋପୀନାଥ ଷଡ଼ଙ୍ଗୀଙ୍କର ରଚିତ ପୁସ୍ତକ କାବ୍ୟାଞ୍ଜଳି ଓ ଗୋପୀ ଚରିତ୍ର ଟି ଏକ ସଫଳ ସୃଷ୍ଟି କହିଲେ କିଛି ଭୁଲ୍ ହେବ ନାହିଁ । ପାଠକ ପାଠିକା ମାନଙ୍କ ଦ୍ୱାରା ନିଶ୍ଚିତ ଭାବରେ ଏଇ ପୁସ୍ତକଟି ବହୁଳ ଭାବରେ ଆଦୃତ ହେବ ।

ଶେଷରେ କବି ତଥା ଲେଖକ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଏଭଳି ପୁସ୍ତକମାନ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରନ୍ତୁ । ମୁଁ ତାଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

**ଜନ୍ମେଜୟ ବାବୁ**
**ପଟ୍ଟନାୟକପଡ଼ା, ସମ୍ବଲପୁର**

# ଚିଠା ଟେଲିଯୋଗାଯୋଗ ବିଲ ୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ପ୍ରଚଳିତ ୧୩୭ ବର୍ଷ ପୁରାତନ 'ଇଣ୍ଡିଆନ ଟେଲିଗ୍ରାଫ ଆକ୍ଟ ୧୮୮୫' ପ୍ରତ୍ୟାହାର କରି ଏକ ଯୁଗୋପଯୋଗୀ ଟେଲି ଯୋଗାଯୋଗ ଆଇନ ପ୍ରବର୍ତ୍ତନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ 'ଇଣ୍ଡିଆନ ୱାୟରଲେସ ଟେଲିଗ୍ରାଫି ଆକ୍ଟ ୧୯୩୩' ଏବଂ 'ଟେଲିଗ୍ରାଫ ୱାୟରର୍ସ (ଅନ-ଲ-ଫୁଲ ପୋସେସନ) ଆକ୍ଟ ୧୯୫୦' ମଧ ସାମିଲ ହେବ । ପ୍ରସ୍ତାବିତ 'ଇଣ୍ଡିଆନ ଟେଲିକମ୍ୟୁନିକେସନ୍ସ ବିଲ ୨୦୨୨'ର ଚିଠା ସଂସ୍କରଣ ୨୨ ସେପ୍ଟେମ୍ବର ୨୦୨୨ରେ ପ୍ରକାଶିତ ହେବା ପରେ ୨୦ ଅକ୍ଟୋବର ୨୦୨୨ ପ୍ରାୟ ମାସକ ଯାଏଁ ଜନସାଧାରଣଙ୍କୁ ପ୍ରତିକ୍ରିୟା ଦାଖଲ ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଥିଲା ।

ଏକବିଂଶ ଶତାବ୍ଦୀ ଆରମ୍ଭରୁ ଭାରତରେ ଟେଲିଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସୂତ୍ରପାତ ହୋଇଥିଲା । ୨୦୧୬ରୁ ୪ଜି ଟେଲିଯୋଗାଯୋଗ ସେବା ଆରମ୍ଭ ପରେ ଟେଲି-ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ତଥା କରୋନା-ଭୂତାଣୁଜନିତ ମହାମାରୀ କାଳରେ ଜନଜୀବନର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ପରିଣତ ହେବା ଅବସରରେ ଟେଲିଯୋଗାଯୋଗ ଅସଦବ୍ୟବହାର ରୋକିବା ନିମନ୍ତେ ନୂତନ ଆଇନ ପ୍ରଣୟନ ଅପରିହାର୍ଯ୍ୟ ହୋଇପଡ଼ିଥିଲା । ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜୁଲାଇ ୨୦୨୨ରେ ସର୍ବସାଧାରଣଙ୍କଠାରୁ ପରାମର୍ଶ ଲୋଡ଼ାଯାଇ 'କନସଲଟେସନ ପେପର' ପ୍ରକାଶିତ ହୋଇଥିଲା । ଟେଲି ଯୋଗା ଯୋଗ ଶିଳ୍ପରେ ସଂପୃକ୍ତ ପକ୍ଷମାନେ ପ୍ରତିକ୍ରିୟା ଉପସ୍ଥାପନ ପରେ ତାହାରି ଆଧାରରେ 'ଡ୍ରାଫ୍ଟ ଇଣ୍ଡିଆନ ଟେଲିକମ୍ୟୁନିକେସନ ବିଲ ୨୦୨୨' ପ୍ରଣୀତ ହୋଇଥିବା କୁହାଯାଏ ।

ଚିଠା ବିଲ ସଂପର୍କରେ ମୁଖ୍ୟତଃ ଟେଲିଯୋଗାଯୋଗ ସେବା ପ୍ରଦାନକାରୀ, ତତ୍ ସଂପର୍କୀତ ସଂଗଠନ ଓ ଅନଲାଇନ ସ୍ୱାଧୀନତା ସୁରକ୍ଷା ନାଗରିକ ସମାଜ କର୍ମୀଙ୍କ ମତାମତ ସଂଗ୍ରହ ପରେ ପୂର୍ଣ୍ଣାଙ୍ଗ ଆଇନ ପ୍ରସ୍ତୁତି ପରେ ପାର୍ଲାମେଣ୍ଟରେ ଆଲୋଚନା ନିମନ୍ତେ ଉପସ୍ଥାପନ କରାଯିବା କାର୍ଯ୍ୟଧାରା ସ୍ଥିରୀକୃତ ହୋଇଛି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଏହି ପ୍ରକ୍ରିୟା ଛଅରୁ ଦଶ ମାସ ଆବଶ୍ୟକ କରିବା ସୂଚାଇ ସରକାର ତରବରରେ କୌଣସି କାର୍ଯ୍ୟକ୍ରମକୁ ଅନିଚ୍ଛୁକ ଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ବିଲ ସପକ୍ଷ ଓ ବିପକ୍ଷରେ ଭାରତୀୟ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ୨୦୨୨ ସେପ୍ଟେମ୍ବର ଶେଷ ସପ୍ତାହରେ ସାମାନ୍ୟ ଆଲୋଚନା ହୋଇଥିବା ଦେଖିବାକୁ ମିଳିଥିଲା ।

ଚିଠା ବିଲରେ ଉପଭୋକ୍ତା ପରିଚିତି 'ନୋ-ୟୁଆର-କଷ୍ଟମର', ପ୍ରତ୍ୟେକ ଟେଲିଫୋନ ଭଏସ ଓ ଭିଡ଼ିଓ କଲରଙ୍କ ପରିଚୟ ପ୍ରକାଶ ଏବଂ ଟେଲିଯୋଗାଯୋଗ ସଂପର୍କୀତ ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଭଳି ତିନିଗୋଟି ବିଷୟ ପ୍ରତି ସାଧାରଣରେ ସହମତି ପ୍ରକାଶ ପାଇଥିଲା । ତେବେ ସମସ୍ତ ଇଣ୍ଟରନେଟଭିତ୍ତିକ ଟେଲିଯୋଗାଯୋଗ ଆପ୍ଲିକେସନ ଓ ଓଭର-ଦି-ଟପ ଓଟିଟି ମଞ୍ଚଗୁଡ଼ିକୁ ପ୍ରସ୍ତାବିତ ଆଇନର ପରିସରଭୁକ୍ତ କରାଯିବାକୁ ବିରୋଧ କରାଯାଇଥିଲା ।

ପ୍ରଥମତଃ, ପରିବର୍ତ୍ତିତ ପରିବେଶରେ ସମସ୍ତ ଟେଲି-ଉପଭୋକ୍ତାଙ୍କ ସଠିକ ପରିଚୟ ସଂଗ୍ରହ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଟେଲି ଯୋଗା ଯୋଗ ବ୍ୟବସ୍ଥାର ଅସଦବ୍ୟବହାର ରୋକିବା ନିମନ୍ତେ ପ୍ରତ୍ୟେକ ଉପଭୋକ୍ତାଙ୍କ ସଠିକ ପରିଚୟ ହାସଲ ହୋଇପାରିଲେ ବିଭିନ୍ନ ଅପରାଧିକ ମାମଲାରେ ସଂପୃକ୍ତ ପକ୍ଷକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରାଯାଇପାରିବ । ଏହିଭଳି ନୂତନ ବ୍ୟବସ୍ଥା ଲାଗୁକରିବା ନିମନ୍ତେ ଟେଲିସେବା-ପ୍ରଦାନକାରୀଙ୍କୁ ଏକ ବର୍ଷ ସମୟ ମଞ୍ଜୁର କରିବା ନିମନ୍ତେ ଚିଠା ବିଲରେ ପ୍ରାବଧାନ ରହିଛି । ଦ୍ୱିତୀୟତଃ, ଟେଲି ଯୋଗାଯୋଗ କ୍ଷେତ୍ରରେ କଲ କରୁଥିବା ବ୍ୟକ୍ତି ବିଶେଷଙ୍କ ନାମ କଲ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଜାଣିପାରିବା ଲାଗି ବୈଷୟିକ ବ୍ୟବସ୍ଥା ପ୍ରଚଳନ ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହିଭଳି ସୁବିଧା 'ଟ୍ରୁ-କଲର' ଭଳି ଆପ୍ଲିକେସନ ବ୍ୟବହାରରେ ସମ୍ଭବ ହୋଇପାରୁଥିବା ସ୍ଥଳେ ସମସ୍ତ କଲରେ ଏହି ସୁଯୋଗ ପରିବ୍ୟାପ୍ତ ଲାଗି ଚିନ୍ତା କରାଯାଉଛି । ଏହି ବ୍ୟବସ୍ଥା ମଧ ଟେଲିଯୋଗାଯୋଗ ଅସଦବ୍ୟବହାର ରୋକିବାରେ ସହାୟକ ହୋଇ ପାରିବ ।

ତୃତୀୟତଃ, ଉପଭୋକ୍ତାଙ୍କ ଟେଲି ଯୋଗାଯୋଗ କ୍ଷେତ୍ରରେ ଆପତ୍ତି ଅଭିଯୋଗର ନିଶ୍ଚିତ ଓ ତୁରନ୍ତ ସମାଧାନ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତି ଅନ୍ୟତମ ଉପଭୋକ୍ତାକେନ୍ଦ୍ରୀକ ଉଦ୍ୟମ ରୂପେ ଗ୍ରହଣ କରାଯାଇପାରେ । ଦେଶରେ ମାଲିମକଦ୍ଦମାର ସଂଖ୍ୟା ବଢ଼ିଚାଲିଥିବା ଅବସରରେ ସାଧାରଣ ବିଚାର ପ୍ରକ୍ରିୟାରୁ ଟେଲିଯୋଗାଯୋଗ ମାମଲାଗୁଡ଼ିକ ଅପସାରଣ ଦ୍ୱାରା ସମାଧାନ ପ୍ରକ୍ରିୟା ଯେ ତ୍ୱରାନ୍ୱିତ ହେବ ଏଥିରେ ସନ୍ଦେହ ନାହିଁ । ଅତଏବ ଏହି ଦିଗରେ କାହାରି ଆପତ୍ତି ନ ରହିବା ସ୍ୱାଭାବିକ ।

ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ଭାରତରେ ଇଣ୍ଟରନେଟ ପ୍ରସାର ଅବସରରେ ଯୋଗାଯୋଗ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ବୈଷୟିକ ଉଦ୍ଭାବନ ଉପଯୋଗ ହେବାରେ ଲାଗିଛି । ଏତଦ୍ୱାରା ଏକପକ୍ଷରେ ଯୋଗାଯୋଗ ପରିସରରେ କେତେକ ନୂତନ ଧାରା 'ଟ୍ରେଣ୍ଡ' ସୃଷ୍ଟି ହୋଇଥିବା ବେଳେ ଅପରପକ୍ଷରେ ପାରମ୍ପରିକ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି । ଉଦାହରଣରେ ଭିଡ଼ିଓ କଲ ଏକ ଆଧୁନିକ ବ୍ୟବସ୍ଥା ହୋଇଥିବା ଏବଂ ଇଣ୍ଟରନେଟ ବ୍ୟବହାରରେ ମାଗଣାରେ ବିଭିନ୍ନ ଆପ୍ଲିକେସନ ଯୋଗେ ଅଡ଼ିଓ ଓ ଭିଡ଼ିଓ କଲର ସୁବିଧା ପାରମ୍ପରିକ ମଞ୍ଚଗୁଡ଼ିକର ଆୟହାନୀର କାରଣ ପାଲଟିଛି ।

ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ଏହିଯେ ସମକାଳୀନ ଜନଜୀବନରେ ଇଣ୍ଟରନେଟ ଆପ୍ଲିକେସନ୍ସ ଉପଯୋଗରେ ପରସ୍ପର ମଧ୍ୟରେ ଯୋଗାଯୋଗ ଧାରା ଯେଉଁମାତ୍ରାରେ ପ୍ରସାର ଲାଭ କରିଛି, ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ଗୁରୁତର ସାମାଜିକ ବିଭ୍ରାଟ ସୃଷ୍ଟି କରିବ । ଚିଠା ଟେଲିଯୋଗାଯୋଗ ବିଲ ୨୦୨୨ରେ ଇଣ୍ଟରନେଟଭିତ୍ତିକ ଯୋଗାଯୋଗ ମଞ୍ଚଗୁଡ଼ିକ ଟେଲି ଯୋଗାଯୋଗ ସେବାପ୍ରଦାନକାରୀ ଶ୍ରେଣୀଭୁକ୍ତ କରିବା ଏବଂ ପ୍ରଚଳିତ ଟେଲିଯୋଗାଯୋଗ ଆଇନାବଳୀ ଲାଗୁ କରାଯିବା ନିମନ୍ତେ ପ୍ରସ୍ତାବ ରହିଛି । ଏହାଫଳରେ ଜିମେଲ, ୟାହୁ ଭଳି ଇଲେକ୍ଟ୍ରୋନିକ ମେଲ ସେବା ଠାରୁ ଆରମ୍ଭ କରି ହ୍ୱାଟସଆପ, ଜୁମ ଯାଏଁ ଭିଡ଼ିଓ କନଫରେନ୍ସ ମଞ୍ଚଗୁଡ଼ିକ ଟେଲିଯୋଗାଯୋଗ ଆଇନ ପରିସରଭୁକ୍ତ ହେବେ ।

ଆଲୋଚନାର ବିଷୟ ଏହିଯେ ଜିମେଲ, ୟାହୁ, ହ୍ୱାଟସଆପ, ଜୁମର କାର୍ଯ୍ୟଧାରା ନିୟନ୍ତ୍ରଣ ନିମନ୍ତେ ଆଇନଗତ ପ୍ରାବଧାନ ରହୁ । କିନ୍ତୁ ଏଗୁଡ଼ିକର କାର୍ଯ୍ୟଧାରା ଓ ଉପଯୋଗ ପାରମ୍ପରିକ ଟେଲିଯୋଗାଯୋଗ ମଞ୍ଚଗୁଡ଼ିକଠାରୁ ସଂପୂର୍ଣ୍ଣ ଭିନ୍ନ ଥିବା ହେତୁ ଏକକ ଆଇନ ପରିସରଭୁକ୍ତ ହେବା ଅସମୀଚୀନ ବୋଧହୁଏ । ଏହି ପ୍ରସ୍ତାବର ସମାଲୋଚନା କରି ଇଣ୍ଟରନେଟ ଫ୍ରିଡ଼ମ ଫାଉଣ୍ଡେସନ ପକ୍ଷରୁ ପ୍ରତିକ୍ରିୟାରେ କୁହାଯାଇଛି ଯେ ଟେଲି ଯୋଗାଯୋଗ ସେବା ପ୍ରଦାନକାରୀମାନେ ବ୍ରଡ଼ବ୍ୟାଣ୍ଡ ଯୋଗାଇଥାନ୍ତି । ଓଭର-ଦି-ଟପ ମଞ୍ଚଗୁଡ଼ିକ ଉପଲବ୍ଧ ଅନଲାଇନ ପରିବେଶରେ ଯୋଗା ଯୋଗର ସୁଯୋଗ ସୃଷ୍ଟି କରିଥାନ୍ତି । ଓଟିଟି ମଞ୍ଚଗୁଡ଼ିକ ଟେଲିଯୋଗାଯୋଗ ସେବା ଆଶ୍ରିତ ଏବଂ ବିନା ଅନଲାଇନ ସଂଯୋଗରେ ଉପଭୋକ୍ତାଙ୍କଠାରେ ପହଞ୍ଚିବା ଅସଂଭବ । ଏହି କ୍ଷେତ୍ରରେ ଟେଲି ଯୋଗାଯୋଗ ସେବା ପ୍ରଦାନକାରୀଙ୍କ ସହ ଓଟିଟି ମଞ୍ଚକୁ ଏକ ଆଇନ ଅଧୀନକୁ ଆଣିବା ଉଦ୍ୟମ ଗ୍ରହଣୀୟ ନୁହେଁ ।

ଦେଶରେ ଟେଲି ଯୋଗାଯୋଗ ଆଇନ ସଂସ୍କାର ଉଦ୍ୟମ ଅଭିନନ୍ଦନୀୟ । ତେବେ ଆଇନରେ ତୃଟି ବିଚ୍ୟୁତି ଟେଲି ଯୋଗାଯୋଗ ବିକାଶରେ ପ୍ରତିବନ୍ଧକ ସାଜିବା ସାଙ୍ଗକୁ ଉପଭୋକ୍ତାଙ୍କୁ ମଧ ପ୍ରତିକୂଳ ପରିସ୍ଥିତିକୁ ଠେଲି ଦେବା ଭୟ ରହିଥାଏ । ମହାମାରୀ-ପର 'ନ୍ୟୁ-ନରମଲ'ରେ ଉଭୟ ଜନସ୍ୱାସ୍ଥ୍ୟ ଓ ଅର୍ଥନୀତିକ କାର୍ଯ୍ୟଧାରା ସଂପ୍ରସାରଣ ନିମନ୍ତେ ଦୂରାବସ୍ଥାନ ନୀତି ଅନୁସରଣ କରାଯାଉଥିବା ଅବସରରେ ଟେଲି ଯୋଗାଯୋଗ ଅସଦବ୍ୟବହାରରୁ ମୁକ୍ତ ରଖିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଅନଲାଇନ ପରିବେଶକୁ ସେତିକି ମାତ୍ରାରେ ସ୍ୱଚ୍ଛ, ଗଣତାନ୍ତ୍ରିକ ଓ ମୁକ୍ତ ରଖିବା ମାନସିକତା ପ୍ରସାର ସେହିମାତ୍ରାରେ ଅପରିହାର୍ଯ୍ୟ ।

## ସୁବର୍ଣ୍ଣପୁରରେ ହସ୍ତତନ୍ତ ବିକ୍ରୟ ହାଟ ବ୍ୟବସ୍ଥା ହେଉ

ସୋନପୁର : ତନ୍ତ, ମନ୍ତ, ମନ୍ଦିର ମାଳିନୀ ସୋନପୁର ଏକ ବୁଣାକାର ବହୁଳ ସହର । ଏଠାକାର ବାନ୍ଧକଳା ବିଦେଶରେ ମଧ ଖ୍ୟାତି ଅର୍ଜନ ହାସଲ କରିଛି । ତେବେ ଗରିବ ବୁଣାକାରମାନେ ହସ୍ତତନ୍ତ ସାମଗ୍ରୀରେ ବିକ୍ରି ବଟା କରିପାରୁ ନ ଥିବା ନଜିର ରହିଛି । ସୂଚନାଯୋଗ୍ୟ ଯେ, ଦିଲ୍ଲୀରେ ଏକ ହସ୍ତତନ୍ତ ହାଟ ରହିଛି । ଯେଉଁଠିକି ପର୍ଯ୍ୟଟକମାନେ ଦିଲ୍ଲୀ ହାଟକୁ ହସ୍ତତନ୍ତ ବସ୍ତ୍ର ସିଧାସଳଖ କିଣି ପାରୁଛନ୍ତି । ସେପରି ସ୍ଥଳେ ଏଠାକାର ଭିତ୍ତି ଭୂମି ପର୍ଯ୍ୟାପ୍ତ ଭାବେ ଥିଲେ ହେଁ ବ୍ୟବସ୍ଥା ହୋଇ ପାରୁନାହିଁ । ଯେଉଁଥି ପାଇଁ ସ୍ଥାନୀୟ ତହସିଲ ଅଫିସ ଆଗରେ ରହି ଥିବା ସୋନପୁର ଡିଜାଇନ ସେଣ୍ଟର ପକ୍କା ଘର ଦୀର୍ଘଦିନ ହେବ ଖାଲି ପଡି ଥିଲେ ହେଁ ପ୍ରଶାସନର ନଜର ନାହିଁ । ଏଥି ନିମିତ୍ତି ଏହି ପକ୍କାଗୃହରେ ତୁରନ୍ତ ଜରୁରୀ କାଳିନ ଭିତ୍ତିରେ ଏକ ସାପ୍ତାହିକ ହାଟ ଖୋଲାଯିବାକୁ ଦାବି ହେଉଛି । ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନ ସୋନପୁର ଜିଲ୍ଲାପାଳ ଏବଂ ଉପ ନିର୍ଦ୍ଦେଶକ ହସ୍ତତନ୍ତ୍ର ସମୂହଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଏମ୍.ସି.ଏଲ୍ ପକ୍ଷରୁ ୨୫ ଜଣ ଦିବ୍ୟାଙ୍ଗଙ୍କୁ କର୍ମନିଯୁକ୍ତି

ବୁର୍ଲା : ଏମ୍‌ସିଏଲ୍ ପକ୍ଷରୁ ୨୫ ଜଣ ଦିବ୍ୟାଙ୍ଗ ଯୁବକଙ୍କୁ ପ୍ରଥମେ ତାଲିମ ଓ ପରେ ବିଭିନ୍ନ ପ୍ଲାଷ୍ଟିକ ଉଦ୍ୟୋଗରେ କର୍ମନିଯୁକ୍ତି ପ୍ରଦାନ କରି ସିଏସ୍ଆର୍ ଯୋଜନା ମାଧ୍ୟମରେ ଦାୟିତ୍ୱ ନିର୍ବାହ କରିଛି । ସୂଚନା ଅନୁଯାୟୀ ପ୍ରଥମେ ୨୫ ଜଣ ଦିବ୍ୟାଙ୍ଗ ଯୁବକଙ୍କୁ ଚୟନ କରି ଭୁବନେଶ୍ୱର ସ୍ଥିତ ସିଆଇପିଟିସି ଅନୁଷ୍ଠାନରେ ୬ ମାସିଆ ତାଲିମ ପ୍ରଦାନ କରିଥିଲେ । ପରେ ସେମାନଙ୍କୁ ତାଲିମ ପ୍ରମାଣ ପତ୍ର ସହ ବିଭିନ୍ନ ପ୍ଲାଷ୍ଟିକ ଭିତ୍ତିକ ଉଦ୍ୟୋଗରେ ନିଯୁକ୍ତି ପତ୍ର ମଧ ପ୍ରଦାନ କରାଯାଇଛି । ଏମ୍‌ସିଏଲ୍ ପକ୍ଷରୁ ସିଏସ୍ଆର୍ ଯୋଜନା ମାଧ୍ୟମରେ ଦିବ୍ୟାଙ୍ଗଙ୍କ ଦକ୍ଷତା ବୃଦ୍ଧି ଓ କର୍ମନିଯୁକ୍ତି ବ୍ୟବସ୍ଥା ନେଇ ପଦକ୍ଷେପ ଆରମ୍ଭ ହୋଇଛି । ସେହିପରି ଏମ୍‌ସିଏଲ୍ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ପାଇଁ ସିଆଇପିଇଟି ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି ବୋଲି ଏମ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ପବିତ୍ର କାର୍ତ୍ତିକ ମାସର ମହାତ୍ମ୍ୟ

ପବିତ୍ର ;କାର୍ତ୍ତିକ ମାସ ୯ ଅକ୍ଟୋବର (ରବିବାର)ରୁ ଆରମ୍ଭ ହୋଇସାରିଛି । ଏହି ମାସ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କୁ ସମର୍ପିତ ହୋଇଥିବାରୁ ଏହାକୁ ପବିତ୍ର ମାସ କୁହାଯାଏ । କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁ ଏବଂ ମା ଲକ୍ଷ୍ମୀଙ୍କର ବିଶେଷ ପୂଜା କରାଯାଏ । ;କାର୍ତ୍ତିକ ମାସ ପୂଣ୍ୟ ମାସ ଅଟେ । ପୌରାଣିକ ଆଖ୍ୟାନ ଅନୁସାରେ ଏହି ମାସ ଭଗବାନ ଶ୍ରୀହରି ମତ୍ସ୍ୟ ରୂପରେ ଜଳରେ ବାସ କରିଥାନ୍ତି ଏବଂ ତାଙ୍କର ବାମନ ଅବତାର ପାତାଳରେ ବାସ କରିଥାଏ । ସେଥିପାଇଁ ଗଙ୍ଗା ତଟରେ ଲୋକେ କଳ୍ପବାସ ମଧ୍ୟ କରିଥାନ୍ତି । ଯେଉଁମାନେ କଳ୍ପବାସ କରନ୍ତି ସେମାନଙ୍କର ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ କରାଯାଏ ।

ଏହି ପବିତ୍ର ମାସର ଶୁଭଫଳପ୍ରାପ୍ତି ନିମନ୍ତେ ଆସନ୍ତୁ ଜାଣିବା ଏହାର କେତୋଟି ସରଳ ଉପାୟ :-

**ଦୀପଦାନ** - ଏହି ମାସରେ ଭଗବାନ ବିଷ୍ଣୁ, ମାତା ଲକ୍ଷ୍ମୀ, ଯମ ଦେବତା, ବୋଧୀବୃକ୍ଷ, ତୁଳସୀ ମାତାଙ୍କ ସମ୍ମୁଖରେ ଦୀପ ଜଳାଇଲେ ସବୁ ପ୍ରକାରର ସଂକଟରୁ ମୁକ୍ତି ମିଳିଥାଏ । ଏଥି ସହିତ ଗୃହରେ ସୁଖ ଏବଂ ଶାନ୍ତି ବିରାଜମାନ ହୋଇଥାଏ । ଏହାଛଡ଼ା ଯେଉଁମାନେ ନଦୀରେ ଦୀପ ପ୍ରବାହିତ କରିଥାନ୍ତି ସେମାନଙ୍କୁ ମୋକ୍ଷପ୍ରାପ୍ତି ହୋଇଥାଏ ।

**ଦୀପଦାନ ପାଇଁ ଦୀପ** - ଯଦି ଆପଣ ମାଟି ଦୀପର ଉପଯୋଗ କରୁଛନ୍ତି ତେବେ ପ୍ରତ୍ୟହ ମାଟିର ନୂତନ ଦୀପ ନିଅନ୍ତୁ ଏବଂ ଧାତୁ ନିର୍ମିତ ଦୀପ ଯେପରିକି ପିତ୍ତଳ-ରୂପା-ତମ୍ବାର ଦୀପ ବ୍ୟବହାର କରୁଥିଲେ ତାକୁ ପ୍ରତିଦିନ ମାଜି ଶୁଦ୍ଧକରି ପୁଣି ଉପଯୋଗ କରିପାରିବେ ।

**ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରନ୍ତୁ** - ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରନ୍ତୁ ଅଥବା ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରନ୍ତୁ । ନଦୀ କିମ୍ବା ପୁଷ୍କରିଣୀ ନିକଟରେ ରହୁଥିଲେ ସେଠାକୁ ଯାଇ ସ୍ନାନ କରନ୍ତୁ । କୌଣସି କାରଣବଶତଃ ସେଠାକୁ ଯାଇ ନ ପାରିଲେ ଘରେ ଗଙ୍ଗାଜଳ ମିଶେଇ ସ୍ନାନ କରନ୍ତୁ । ଏଥିରେ ସ୍ନାନ କରିବା ଦ୍ୱାରା ଗଙ୍ଗାରେ ସ୍ନାନ କରିବା ସହିତ ସମାନ ହୋଇଥାଏ ।

**ମନ୍ତ୍ରପାଠ ସହ ଦୀପଦାନ କଲେ ଉତ୍ତମ ଫଳପ୍ରାପ୍ତି ହୋଇଥାଏ** - କାର୍ତ୍ତିକ ମାସରେ ଲକ୍ଷ୍ମୀ ସ୍ତୋତ୍ର, କନକଧାରା ସ୍ତୋତ୍ର ଅଥବା ବିଷ୍ଣୁ ସ୍ତୋତ୍ର, ବିଷ୍ଣୁ ସହସ୍ରନାମ, ଗୋପାଳ ସହସ୍ରନାମ, ରାମ ଚିରତ ମାନସ, ଶ୍ରୀଗୀତା ପାଠ କରିବା, ଭଗବାନ ଶ୍ରୀହରିଙ୍କର ମନ୍ତ୍ର କିମ୍ବା ନାମ ଜପକଲେ ବିଶେଷ ଲାଭ ମିଳିଥାଏ । ଏପରି କଲେ ଦେହତ୍ୟାଗ ପରେ ଉତ୍ତମ ଲୋକରେ ସ୍ଥାନ ମିଳିଥାଏ ଏବଂ ଯେତେଦିନ ପର୍ଯ୍ୟନ୍ତ ମର୍ତ୍ତ୍ୟରେ ରହିଥିବେ ସୁଖ ସମୃଦ୍ଧି ପ୍ରାପ୍ତି ହୋଇଥାଏ । କାର୍ତ୍ତିକ ବ୍ରତଧାରୀମାନଙ୍କର ପୁନର୍ଜନ୍ମ ହେଲେ ସୁଦ୍ଧା ତାଙ୍କୁ ଉତ୍ତମ କୁଳ ଏବଂ ପରିବାରରେ ସ୍ଥାନ ମିଳିଥାଏ ଏବଂ ସେମାନେ ସୁଖରେ କାଳାତିପାତ କରିଥାନ୍ତି ।

**ତୁଳସୀରେ ପାଣି ସହ ଦୁଧ ମିଶେଇ ଜଳଦାନ କରନ୍ତୁ**- କାର୍ତ୍ତିକ ମାସରେ ସକାଳେ ଏବଂ ସନ୍ଧ୍ୟାରେ ତୁଳସୀ ମୂଳରେ ଜଳ ସହିତ ଦୁଧ ମିଶେଇ ଅର୍ପଣ କରନ୍ତୁ । ସକାଳେ ଏବଂ ସନ୍ଧ୍ୟାରେ ଶୁଦ୍ଧ ଗାଈ ଘିଅର ଦୀପ ଜଳାନ୍ତୁ । ଭଗବାନ ବିଷ୍ଣୁଙ୍କୁ ଯାହା ମଧ୍ୟ ଭୋଗ ଲଗାନ୍ତୁ, ସେଥିରେ ତୁଳସୀ ପତ୍ରଟିଏ ନିଶ୍ଚୟ ପକାନ୍ତୁ । ତୁଳସୀ ପତ୍ର ବିନା ବିଷ୍ଣୁ ଭୋଗ ସ୍ୱୀକାର କରନ୍ତି ନାହିଁ । କାର୍ତ୍ତିକ ମାସରେ ଦେବପ୍ରବୋଧନୀ ଏକାଦଶୀରେ ତୁଳସୀ ବିବାହ କଲେ ମଧ୍ୟ ଉତ୍ତମ ଫଳପ୍ରାପ୍ତି ହୋଇଥାଏ ।

**ଭଗବାନ ବିଷ୍ଣୁଙ୍କୁ ତିଳ ଅର୍ପଣ କରନ୍ତୁ** - କାର୍ତ୍ତିକ ମାସରେ ନିୟମିତ ଭାବରେ ଭଗବାନ ବିଷ୍ଣୁଙ୍କୁ ତିଳ ଅର୍ପଣ କରିବା ଉଚିତ । ଏମିତିରେ ବର୍ଷସାରା ତିଳ ଅର୍ପଣ କରିପାରିଲେ ଭଲ ମାତ୍ର ଏପରି କରି ନ ପାରିବା ସ୍ଥଳ ବିଶେଷରେ କାର୍ତ୍ତିକ ମାସ ଏବଂ ମାଘ ମାସରେ ଏମିତି କରିବା ଉତ୍ତମ ଫଳ ପ୍ରଦାନକାରୀ ସିଦ୍ଧ ହୋଇଥାଏ । ଏପରି କଲେ ଜ୍ଞାତ ଅବା ଅଜ୍ଞାତସାରରେ ହୋଇଥିବା ସକଳ ପାପ କ୍ଷୟ ହୋଇ ମୁକ୍ତି ମିଳେ ଏବଂ ସଦ୍‌ଗତି ପ୍ରାପ୍ତହୁଏ ।

**ତୁଳସୀ ମୂଳର ମାଟିରେ କରନ୍ତୁ ଏହି ଉପାୟ** - କାର୍ତ୍ତିକ ମାସରେ ନିୟମିତ ଭାବରେ ତୁଳସୀରେ ଜଳ ଦେଲାବେଳେ କିମ୍ବା ତାହାର ପୂଜା କଲାବେଳେ ତୁଳସୀ ମୂଳର ମାଟି ନେଇ ତାହାର ତିଳକ ଧାରଣ କଲେ ମନୁଷ୍ୟର ସକଳ ପାପ ନଷ୍ଟ ହୋଇଯାଏ ଏବଂ ବିବେକ ବୁଦ୍ଧିର ବିକାଶ ହୋଇଥାଏ ।

**କାର୍ତ୍ତିକ ମାସରେ ଦାନ କରନ୍ତୁ** - କାର୍ତ୍ତିକ ମାସରେ ଦୀପଦାନର ଅଧିକ ମହତ୍ତ୍ୱ ରହିଛି । ଏହାଛଡ଼ା ଅନ୍ନ ଏବଂ ବସ୍ତ୍ର ଦାନ କଲେ ଅତ୍ୟୁତ୍ତମ ଫଳ ପ୍ରାପ୍ତି ହୋଇଥାଏ । ଆପଣ ଯଦି କିଛି କରିପାରୁ ନାହାନ୍ତି ତେବେ ଅନ୍ନ ଏବଂ ବସ୍ତ୍ରଦାନ ନିଶ୍ଚୟ କରନ୍ତୁ ।

**ଗୋମାତା ସେବା** - କାର୍ତ୍ତିକ ମାସରେ ପ୍ରତିଦିନ ଗାଈକୁ ଗୁଡ଼ ସହିତ ରୋଟି ଖାଇବାକୁ ଦେଲେ ଶ୍ରେଷ୍ଠ ପୂଣ୍ୟଦାୟକ ହୋଇଥାଏ ।

**ଶୁଦ୍ଧ ଘିଅର ହିଁ ଉପଯୋଗ କରନ୍ତୁ** - କାର୍ତ୍ତିକ ମାସରେ ଦୀପଦାନ ନିମନ୍ତେ ଭାରତୀୟ ଦେଶୀ ଗାଈର ଘିଅ ଉପଯୋଗ କଲେ ଉତ୍ତମ ଫଳପ୍ରାପ୍ତି ହୋଏଥାଏ । ଏହାଛଡ଼ା ଆପଣ ରାଶିତେଲ ଦେଇ ମଧ୍ୟ ଦୀପ ଜଳାଇ ପାରିବେ ।

**ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ମହତ୍ୱ** - ଆମେ ସମସ୍ତେ ଜାଣୁ ଯେ ସୂର୍ଯ୍ୟ ସମଗ୍ର ବ୍ରହ୍ମାଣ୍ଡର ଶକ୍ତିର ସ୍ରୋତ ଅଟନ୍ତି । ସୃଷ୍ଟିର କୋଣ ଅନୁକୋଣକୁ ଶକ୍ତି ସୂର୍ଯ୍ୟଙ୍କ ଠାରୁ ହିଁ ମିଳିଥାଏ । ପ୍ରକୃତି ହେଉ ଅବା ମନୁଷ୍ୟ ଅଥବା ଚର ଅଚର ଜଗତର ଯେ କୌଣସି ବସ୍ତୁ ସମସ୍ତେ ସୂର୍ଯ୍ୟଙ୍କର କିରଣର ସ୍ପର୍ଶ ମାତ୍ରକେ ନୂତନ ଜୀବନ ଲାଭ କରିଥାନ୍ତି । ଶାସ୍ତ୍ର ଅନୁସାରେ ସୃଷ୍ଟିର ପ୍ରତ୍ୟେକ ରଚନା ପାଂଚୋଟି ମୁଖ୍ୟ ତତ୍ତ୍ୱ ଯଥା; ପୃଥ୍ୱୀ, ଆକାଶ, ଜଳ, ଅଗ୍ନି ଏବଂ ବାୟୁର ମିଶ୍ରଣରେ ହୋଇଛି । ଏ ସମସ୍ତ ପଂଚ ପ୍ରକୃତିର ଆଧାର ତତ୍ତ୍ୱ ଅଟନ୍ତି ଏବଂ ଏ ସମସ୍ତଙ୍କର କେନ୍ଦ୍ର ସୂର୍ଯ୍ୟ ଅଟନ୍ତି । ବ୍ରହ୍ମାଣ୍ଡ ନିର୍ମାଣ ନିମନ୍ତେ ଏହି ପଂଚତତ୍ତ୍ୱକୁ ସୂର୍ଯ୍ୟଙ୍କ ଠାରୁ ଶକ୍ତି ପ୍ରାପ୍ତ ହୋଇଥାଏ ।

**ଋଗ୍‌ବେଦରେ ସୂର୍ଯ୍ୟ ଅର୍ଘ୍ୟର ମହତ୍ୱ** - ଭାରତୀୟ ଦର୍ଶନର ମୂଳ ଆଧାର ଚତୁର୍ବେଦ ମଧ୍ୟରୁ ପ୍ରଥମ ଏବଂ ଏବଂ ପ୍ରମୁଖ ଋଗ୍‌ବେଦରେ ଏହାର ସମୁଚିତ ଓ ବିସ୍ତୃତ ବିବରଣୀ ମିଳିଥାଏ । ଋଗବେଦରେ କୁହାଯାଇଛି ଯେ ସୂର୍ଯ୍ୟ ପ୍ରକୃତିର ପ୍ରତ୍ୟେକ ଅଣୁ ପରମାଣୁକୁ ଜାଗ୍ରତ କରିଥାନ୍ତି । ସୂର୍ଯ୍ୟଙ୍କ କାରଣରୁ ହିଁ ସୃଷ୍ଟିର ପ୍ରତ୍ୟେକ ଅଣୁ କାମ କରିଥାନ୍ତି ଏବଂ ସକ୍ରିୟ ରହିଥାନ୍ତି । ସୃଷ୍ଟିର ସମସ୍ତ ଜୀବିତ ତତ୍ତ୍ୱ ନିଜର ଶକ୍ତି ନିମନ୍ତେ ସୂର୍ଯ୍ୟଙ୍କ ଉପରେ ନିର୍ଭର କରିଥାନ୍ତି । ସୂର୍ଯ୍ୟ ପ୍ରତ୍ୟେକ ଜୀବର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଦୁର୍ବଳତାକୁ ସମାପ୍ତ କରି ସମସ୍ତ ପ୍ରାଣୀଙ୍କୁ ସୁସ୍ଥ ଆଉ ଦୀର୍ଘାୟୁ କରିଥାନ୍ତି । ସୂର୍ଯ୍ୟ କିରଣରେ ସମାହିତ ସପ୍ତରଂଗ ମନୁଷ୍ୟର ସ୍ୱାସ୍ଥ୍ୟ ସକାଶେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଅଟେ । କେହି ଯଦି ସକାଳେ ସ୍ନାନ କଲାପରେ ଏକ ପୂର୍ଣ୍ଣ କଳସ ଜଳ ସୂର୍ଯ୍ୟଙ୍କୁ ଅର୍ପଣ କରନ୍ତି ତେବେ ସେହି ଜଳର ଧାରରୁ ଛାଣିହୋଇ ଆସୁଥିବା ସୂର୍ଯ୍ୟରଶ୍ମୀ ସମଗ୍ର ଶରୀରରେ ପଡ଼ି ସମସ୍ତ ରୋଗକୁ ନାଶ କରିଦିଏ ଏବଂ ବ୍ୟକ୍ତି ବୁଦ୍ଧିମାନ ହୋଇଥାନ୍ତି ।

**ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ଅର୍ଘ୍ୟର ମହତ୍ୱ** - ଧର୍ମ ପ୍ରତି ଆସ୍ଥା ରଖୁ ନ ଥିବା ତଥା ପ୍ରାମାଣିକତାରେ ବିଶ୍ୱାସ କରୁଥିବା ବୈଜ୍ଞାନିକମାନେ ମଧ୍ୟ ଆଧୁନିକ ପିଢ଼ି ସକାଶେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବାର ପକ୍ଷଧର ଅଟନ୍ତି । ଅନେକ ବୈଜ୍ଞାନିକ ଅନୁସନ୍ଧାନ ଏବଂ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ ବେଦରେ କୁହାଯାଇଥିବା ପ୍ରତ୍ୟେକ କାର୍ଯ୍ୟ ବିଜ୍ଞାନସମ୍ମତ ଅଟେ ।

**ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ରୀତି** - ଆମେ ସୂର୍ଯ୍ୟୋଦୟ ସମୟରେ ଦୁଇ ହାତକୁ ଉପରକୁ ଉଠାଇ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିଥାଉଁ । ସେତେବେଳେ କଳସ ମୁଖରୁ ଏକ ସରୁ ଜଳଧାର ଭୂମିରେ ପଡ଼ିଥାଏ । ଏହି ଧାର ଯୋଗୁଁ ସୂର୍ଯ୍ୟ ଏବଂ ଜଳ ଅର୍ପଣ କରୁଥିବା ବ୍ୟକ୍ତି ମଧ୍ୟରେ ଏକ ପତଳା କାନ୍ଥଟିଏ ଛିଡ଼ା ହୋଇଯାଏ । ଏମିତିରେ ତ ସୂର୍ଯ୍ୟଙ୍କର ପ୍ରଚଣ୍ଡ ଆଲୋକକୁ ଖାଲି ଆଖିରେ ଦେଖିପାରିବା ସମ୍ଭବ ନୁହେଁ ମାତ୍ର ପାଣିର ଧୂମାଭ କାନ୍ଥରୁ ସୂର୍ଯ୍ୟ କିରଣ ଯେତେବେଳେ ଛାଣି ହୋଇ ଆମ ଆଖିରେ ପଡ଼ିଥାଏ, ତାହା ନେତ୍ରର ଜ୍ୟୋତିକୁ ପରିଷ୍କାର କରିଥାଏ । ଏଥିରେ ଆଖିର ଦୃଷ୍ଟିଶକ୍ତି ବଢ଼ିବା ସାଙ୍ଗକୁ ଅନେକ ରୋଗରୁ ରକ୍ଷା ମଧ୍ୟ ମିଳେ । ପାଣିର ଧାରରେ ଛାଣିହୋଇ ଆସୁଥିବା ସୂର୍ଯ୍ୟରଶ୍ମୀ ସମଗ୍ର ଶରୀରରେ ସକାରାତ୍ମକ ଶକ୍ତି ପ୍ରଦାନ କରିଥାଏ । ଏଥିରୁ ବ୍ୟକ୍ତିର ଆନ୍ତରିକ ଏବଂ ଆତ୍ମିକ ବଳ ବୃଦ୍ଧିପାଏ ।

**ଜ୍ୟୋତିଷ ମହତ୍ୱ** - ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ମହତ୍ୱ କେବଳ ବେଦ ଏବଂ ବିଜ୍ଞାନରେ ନୁହଁ ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଅନେକ ଲାଭ ସମ୍ପର୍କରେ କୁହାଯାଇଛି । ସୂର୍ଯ୍ୟ ସକଳ ଗ୍ରହମାନଙ୍କର ରାଜା ଅଟନ୍ତି । ତେଣୁ କୁଣ୍ଡଳୀରେ ସୂର୍ଯ୍ୟ ଯେତେ ବଳଶାଳୀ ହେବେ ଜାତକକୁ ସେତିକି ଲାଭ ମିଳିବ । ସୂର୍ଯ୍ୟଙ୍କୁ ଜଳ ଅର୍ପଣ କଲେ ସୂର୍ଯ୍ୟ ବଳଶାଳୀ ହୋଇଥାନ୍ତି । ଯଦି ଜନ୍ମଚକ୍ରରେ ସୂର୍ଯ୍ୟଙ୍କର ସ୍ଥିତି ଦୁର୍ବଳ ରହିଥିବ ଏବଂ ତାଙ୍କୁ ବଳବାନ୍ କରାଇବାର ଆବଶ୍ୟକତା ଥିବ ତେବେ ସୂର୍ଯ୍ୟଙ୍କୁ ପ୍ରତିଦିନ ଲାଲ ଫୁଲ, କଞ୍ଚା କ୍ଷୀର ପକାଇ ଅର୍ଘ୍ୟ ଦେଲେ ଶୁଭଫଳ ପ୍ରାପ୍ତି ହୋଇଥାଏ । ଚାକିରୀ କିମ୍ବା ବ୍ୟବସାୟରେ ଲାଭ ହେଉ ନ ଥିଲେ ଅଥବା ଅଟକି ଥିବା ଟଙ୍କା ଆଦାୟ କରିବାର ଥିଲେ ସୂର୍ଯ୍ୟଙ୍କୁ ଜଳଦାନ କରନ୍ତୁ । ଲାଭ ନିଶ୍ଚୟ ପ୍ରାପ୍ତହେବେ । ଜଳରେ ରାଶି ମିଶେଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ପିତୃଦୋଷ ଖଣ୍ଡନ ହୁଏ । ଲାଲ ପୁଷ୍ପ ସହ କୁଙ୍କୁମ ମିଶେଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ସୂର୍ଯ୍ୟ ବଳବାନ ହୋଇ ଯଶ ଖ୍ୟାତି ପ୍ରଦାନ କରନ୍ତି ।

**ଧର୍ମ ହେଉ ବା ବିଜ୍ଞାନ** - ଧର୍ମ ହେଉ ବା ବିଜ୍ଞାନ, ଉଭୟଙ୍କର ଉଦ୍ଦେଶ୍ୟ ମାନବ ଜାତିର ଉପକାର ଓ ସେମାନଙ୍କର କ୍ଷମତା ବୃଦ୍ଧି କରିବା । ଉଭୟ ନିଜର ସ୍ୱଭାବ ଏବଂ ମାନ୍ୟତା ଅନୁସାରେ ମନୁଷ୍ୟର ବିକାଶରେ ସହାୟକ ହୋଇଥାନ୍ତି । ଫଳସ୍ୱରୂପ, କେବେ ଧର୍ମ, ବିଜ୍ଞାନର ତ କେବେ ବିଜ୍ଞାନ, ଧର୍ମର ପରୀକ୍ଷଣ କରି ଚାଲିଥାନ୍ତି । ଏହି କ୍ରମରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଭଳି ରୀତି ମନୁଷ୍ୟ ନିମନ୍ତେ କଲ୍ୟାଣକାରୀ ବୋଲି ପ୍ରମାଣିତ ହୋଇସାରିଛି । ଏମିତିରେ ମଧ୍ୟ ସୂର୍ଯ୍ୟଙ୍କୁ ଜଳ ତର୍ପଣ କରିବା ନା ସମୟସାପେକ୍ଷ ହୋଇଥାଏ ନା ଏଥି ନିମନ୍ତେ କଷ୍ଟକର ପ୍ରୟାସର ଆବଶ୍ୟକତା ହୋଇଥାଏ । ଗୋଟିଏ ଛୋଟିଆ ପ୍ରୟାସକୁ ଅଭ୍ୟାସରେ ପରିଣତ କରି ଆମେ ନିଜର ସମ୍ପୂର୍ଣ୍ଣ କଲ୍ୟାଣ ସହଜରେ କରିପାରିବା । ଏମିତିରେ ମଧ୍ୟ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ପ୍ରକୃତି ପ୍ରତି ସମର୍ପଣ ଭାବକୁ ଦର୍ଶାଇଥାଏ । ସୁତରାଂ, ପ୍ରାତଃସ୍ନାନ ପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଅଭ୍ୟାସ କରନ୍ତୁ ।

**ଶରତ ପୂର୍ଣ୍ଣମୀରେ କରାଯାଉଥିବା ସମସ୍ତ ପ୍ରୟାସ ଏକତ୍ର** -ଶରତ ପୂର୍ଣ୍ଣମୀରେ ଖିରି ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ବିଧି - ପୁଷ୍ଟିକର ଖିରି ପ୍ରସ୍ତୁତି ନିମନ୍ତେ ପାଞ୍ଚୋଟି ଧଳା ଦ୍ରବ୍ୟ ଯେପରି ଚାଉଳ, କ୍ଷୀର, ମିଶ୍ରି, ଚନ୍ଦ୍ରାଲୋକ ଏବଂ ପ୍ରସ୍ତୁତ କଲାବେଳେ କିଛି ରୂପା ପକାଇ ଦିଅନ୍ତୁ । ରୂପାର ବାସନ ଅଥବା ଅସଲି ସୁନାକୁ ଧୋଇଧାଇ ଖିରିରେ ପକାଇ ଦିଅନ୍ତୁ ଯେଉଁଥିରୁ ରଜତକ୍ଷାର ଅଥବା ସୁବର୍ଣ୍ଣକ୍ଷାର ଆସିବ । ଲୁହାର କଡ଼େଇ କିମ୍ବା ପାତ୍ରରେ ଖିରି ପ୍ରସ୍ତୁତ କଲେ ସେଥିରେ ଲୌହ ତତ୍ତ୍ୱ ମଧ୍ୟ ଆସିଯିବ । ଏଥିରେ ଅଳେଇଚ, ଶୁଖିଲା ଖଜୁରୀ ପକେଇ ପାରିବେ ମାତ୍ର ବାଦାମ, କାଜୁ, ପିସ୍ତା ଆଦି ପକାଇଲେ ରାତିରେ ଅପାଚ୍ୟ ହେବାର ସମ୍ଭାବନା ଅଧିକ ।

ରାତ୍ର ୯ ଘଟିକା ସମୟରେ ପତଳା କପଡ଼ାରେ ଢାଙ୍କି ରଖାଯାଇଥିବା ଖିରି ରାତି ୧୨ ଘଂଟା ପାଖାପାଖି ମହାପ୍ରଭୁଙ୍କୁ ଭୋଗ ଲଗାଇଲା ପରେ ପ୍ରସାଦ ରୂପେ ନେବା ଉଚିତ । (ମାତ୍ର ରାତିରେ ଡେରିରେ ଖାଇଲେ ଅଳ୍ପ ଖାଇବେ) ରାତିରେ ଖିରି ପ୍ରସ୍ତୁତ କରି ତାକୁ ଦେଖି ଏହି ବିଶେଷ ମନ୍ତ୍ର ଜପ କରନ୍ତୁ -

।।ଅଚ୍ୟୁତାନନ୍ଦ ଗୋବିନ୍ଦ ନାମୋଚ୍ଚାରଣ ଭେଷଜାତ୍,

ନଶ୍ୟନ୍ତି ସକଳା ରୋଗାଃ ସତ୍ୟଂ ସତ୍ୟଂ ବଦାମ୍ୟହମ୍ ।।

**ନେତ୍ରର ଜ୍ୟୋତି ବୃଦ୍ଧି ନିମନ୍ତେ** - ଦଶହରା ଏକାଦଶୀରୁ ଶରତ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତିଦିନ ରାତିରେ ୧୫ ରୁ ୨୦ ମିନିଟ ପର୍ଯ୍ୟନ୍ତ ଚନ୍ଦ୍ରମାକୁ ଏକ ଲୟରେ ଦେଖନ୍ତୁ । ଏହା ଦ୍ୱାରା ନେତ୍ରର ଜ୍ୟୋତି ବୃଦ୍ଧି ପାଇଥାଏ ।

ତୁଳସୀର ୧୦-୧୨ଟି ପତ୍ରକୁ ଗୋଟିଏ ପାଣି ଥିବା ପାତ୍ରରେ ରଖି ପୂର୍ଣ୍ଣିମା ରାତିରେ ଚନ୍ଦ୍ର କିରଣରେ ଦୁଇରୁ ତିନି ଘଂଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

## ଆଜିର ଚିନ୍ତନ

ଗୃଧ୍ର ଜାତିରେ ଜନ୍ମ ଜଟାୟୁ ଥିଲା ମହାନ୍ ଧର୍ମାତ୍ମା । ନିରନ୍ତର ଭଗବତ୍ ଭଜନରେ ମଗ୍ନ ରହୁଥିଲା । ନିମ୍ନ କୁଳରେ, ଘୃଣିତ ଜୀବ ଭାବରେ ଜନ୍ମ ନେଇଥିଲେ ମଧ ଏହା ପ୍ରମାଣିତ କରିବାକୁ ଚାହୁଁଥିଲା ଯେ ସ୍ୱଚ୍ଛ ମନରେ ଧର୍ମ-କର୍ତ୍ତବ୍ୟ ପାଳନ କଲେ ଜୀବନକୁ ଧନ୍ୟ, ସାର୍ଥକ କରିହେବ । ଜାତି ନୁହେଁ; ନୈତିକ କର୍ତ୍ତବ୍ୟ ପାଳନ କରିବାକୁ ବେଶ୍ ଗୁରୁତ୍ୱ ଦେଉଥିଲା ।

ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ସତୀସାଧ୍ୱୀ ପତ୍ନୀ ସୀତାଙ୍କୁ ରାବଣ କୂଟକପଟ ବଳରେ ହରଣ କରିନେଇ ଆକାଶମାର୍ଗରେ ପୁଷ୍ପକ ଯାନରେ ଯାଉଥାନ୍ତି । ଦେବୀ ସୀତା ରାବଣ କର୍ତ୍ତୃକ ଅପହୃତା ହୋଇଛନ୍ତି ବୋଲି ଜାଣିବାପରେ ଉଚ୍ଚ ସ୍ୱରରେ କ୍ରନ୍ଦନ କରୁଥାନ୍ତି । ସୀତାଙ୍କର ସେହି ବିକଳ କ୍ରନ୍ଦନ ଧ୍ୱନି ଜଟାୟୁର କର୍ଣ୍ଣଗୁହରରେ ପଡ଼ିଥିଲା । ତପଶ୍ଚର୍ଯ୍ୟାରେ ମଗ୍ନ ଥିଲେ ମଧ ଜଟାୟୁ ନିଶ୍ଚିତ ହୋଇଯ ।ଇଥିଲା ଯେ କେହି ବିପଦରେ ପଡ଼ି ଏଭଳି କରୁଣ ବିଳାପ କରୁଛି । ତତ୍‌କ୍ଷଣାତ୍ ମନକୁ ଆସିଥିଲା ଧର୍ମ ଓ କର୍ତ୍ତବ୍ୟ ପାଳନ କଥା । ଆର୍ତ୍ତକୁ ଉଦ୍ଧାର କରିବା ନିମିତ୍ତ ଦୃଢ଼ ପ୍ରତିଜ୍ଞ ହୋଇଯାଇଥିଲା ଯଦିଚ ଶକ୍ତି ଥିଲା ସୀମିତ । ଧ୍ୱନି ଧୀରେ ଧୀରେ ସ୍ପଷ୍ଟ ହୋଇଥିଲା । ଜଟାୟୁ ଧ୍ୱନିକୁ କାନଡେରି ଗୁମ୍ଫାରୁ ବାହାରକୁ ଆସି କ୍ରନ୍ଦନ ଧ୍ୱନି ଆସୁଥିବା ଦିଗରେ ଉଡ଼ିବାକୁ ଆରମ୍ଭ କରିଥିଲା । ରାକ୍ଷସ ରାବଣ ଜଣେ ଅବଳାକୁ ଆକାଶମାର୍ଗରେ ନେଇ ଯାଉଥିବା ଦେଖିବାକୁ ପାଇଥିଲା କିଛି ସମୟ ଉଡ଼ିବା ପରେ ।

ନିଃଶଙ୍କରେ ପୁଷ୍ପକ ବିମାନରେ ଦେବୀ ସୀତାଙ୍କୁ ହରଣ କରି ନେଉଥିବା ରାବଣ ହଠାତ୍ ଚମକି ପଡ଼ିଥିଲେ ବିମାନର ଗତି ସ୍ଥିର ହୋଇଯାଇଥିବା ଦେଖି । ଦେଖିବାକୁ ପାଇଥିଲା ଜଟାୟୁ ହିଁ ବିମାନର ଗତିରୋଧ କରିଛି । ସ୍ପର୍ଦ୍ଧିତ ରାବଣ ମାର୍ଗରୁ ହଟିଯିବା ପାଇଁ କଠୋର ସ୍ୱରରେ କହିଥିଲେ । ଅନ୍ୟଥା ପରିଣାମ ଭୟଙ୍କର ହେବ ବୋଲି ଚେତାଇ ଦେଇଥିଲେ । ହେଲେ ଜଟାୟୁ ଏହାକୁ ଭ୍ରୂକ୍ଷେପ କରି ନ ଥିଲା । କ୍ଷୁବ୍ଧ ରାବଣ ଜଟାୟୁକୁ ହତ୍ୟା କରିବା ନିମନ୍ତେ ଅସ୍ତ୍ର ଉତ୍ତୋଳନ କରିଥିଲେ । ଏକ ପକ୍ଷରେ ନିଃଶସ୍ତ୍ର ଜଟାୟୁ ଅନ୍ୟ ପକ୍ଷରେ ଶସ୍ତ୍ରଧାରୀ, ଅମିତ ବଳଶାଳୀ ରାବଣ । ରାବଣ ଉଚିତ ଶିକ୍ଷା ଦେବା ପାଇଁ ତରବାରିରେ ଆଘାତ କରିଥିଲେ ଜଟାୟୁକୁ । ଜଟାୟୁର ଦୁଇଟିଯାକ ପକ୍ଷ ଛିନ୍ନ ହୋଇ ଯାଇଥିଲା । ପକ୍ଷଚ୍ଛେଦ ହେବା କାରଣରୁ ଜଟାୟୁ ଉଡ଼ିବା ଶକ୍ତି ହରାଇ ଭୂତଳରେ ପଡ଼ିଥିଲା । ଜଟାୟୁର ଦୁର୍ଗତି ଦେଖି ରାବଣ ଅଟ୍ଟହାସ୍ୟ କରିବାରୁ ଆହତ ଜଟାୟୁ ଉତ୍ତର ଦେଇଥିଲା 'ପାପୀ, ଦୁରାଚାରୀ ! ପରୋପକାର ଉଦ୍ଦେଶ୍ୟରେ ନିଜର ପ୍ରାଣଦାନ କରି ମୁଁ ତ ସଦ୍‌ଗତି ପାଇବି, ହେଲେ ତୁ ? ତୁ ଯେଉଁ ଅନ୍ୟାୟ କାମ କରିଛୁ ତୋର ବଂଶ ନାଶ ହେବା ନିଶ୍ଚିତ । ଏହା ଧ୍ରୁବସତ୍ୟ । ତୁ କଳ୍ପତକ ନରକ ଭୋଗ କରିବୁ ।

ପରବର୍ତ୍ତୀ ସମୟରେ ସତୀ ସୀତା ଯେ ରାବଣ କର୍ତ୍ତୃକ ଅପହୃତ ହୋଇଛନ୍ତି ଏହି ସମ୍ବାଦ ପ୍ରଭୁ ଶ୍ରୀରାମଙ୍କୁ ଦେଇ ଜଟାୟୁର ସଦ୍‌ଗତି ପ୍ରାପ୍ତ ହୋଇଥିଲା । ଆଉ ଦଶାନନ, ପ୍ରତିପତ୍ତିଶାଳୀ ରାବଣ ! ଅନୀତି, ଅନ୍ୟାୟର ପୃଷ୍ଟପୋଷକ ରାବଣର କେବଳ ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହୋଇ ନଥିଲା ବଂଶନାଶ ହୋଇ ଯାଇଥିଲା । ଅନୀତିକୁ ଆଖି ଆଗରେ ଦେଖି ଏହାର ପ୍ରତିରୋଧ ନକରିବା ସବୁଠାରୁ ବଡ଼ ଭୀରୁତା, କାପୁରୁଷ ପଣିଆ । ସୀମିତ ଶକ୍ତି ହେଉ ପଛେ, ଗୃଧ୍ର ବଂଶରେ ଜାତ ଜଟାୟୁ ଏହା ଜଗତବାସୀଙ୍କୁ ଦେଖାଇ ଦେଇଥିଲା ।

ବର୍ଷ ୨୬, ସଂଖ୍ୟା- ୪୨, ୧୬ - ୨୨ ଅକ୍ଟୋବର ୨୦୨୨

# ଦେଶର ୪୫ ପ୍ରତିଶତ ସମ୍ପତ୍ତି ୧୦ ପ୍ରତିଶତ ଧନୀଙ୍କ ନିକଟରେ

କରୋନା ମହାମାରୀ ଗରିବଙ୍କ ମୁହଁରୁ ଆହାର ଛଡ଼ାଇ ନେଇଛି । ଦେଶର ସରକାର ଓ ଜନତା ଏଯାଏ ଏହି ବିପଦରୁ ମୁକୁଳି ନାହାନ୍ତି । ଏଭଳି ସ୍ଥିତିରେ ଦେଶରେ ବିଲିଅନାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଦେଶର ୧୦ ପ୍ରତିଶତ ସର୍ବାଧିକ ଧନୀ ବ୍ୟକ୍ତିଙ୍କ ନିକଟରେ ୪୫ ପ୍ରତିଶତ ସମ୍ପତ୍ତି ରହିଛି ।


ଏକ ରିପୋର୍ଟ ଅନୁଯାୟୀ, ୨୦୨୧ କରୋନା କାଳରେ ଦେଶର ୮୪ ପ୍ରତିଶତ ପରିବାରର ଆୟ ହ୍ରାସ ପାଇଥିଲା । ଏହି ବର୍ଷ ବିଲିଅନାରଙ୍କ ସଂଖ୍ୟା ୧୦୨ରୁ ବୃଦ୍ଧି ପାଇ ୧୪୨ରେ ପହଞ୍ଚି ଥିଲା । କରୋନା ସମୟରେ ଭାରତୀୟ ବିଲିଅନାରଙ୍କ ସମ୍ପତ୍ତି ଦୁଇଗୁଣା ହୋଇଥିବା ରିପୋର୍ଟରେ କୁହାଯାଇଛି । ଶୀର୍ଷ ୧୦ ଜଣ ଧନୀଙ୍କ ନିକଟରେ ଏତେ ସମ୍ପତ୍ତି ଅଛି, ଦେଶର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ୨୫ ବର୍ଷ ପର୍ଯ୍ୟନ୍ତ ଚଳାଇ ହେବ । କରୋନା ଯୋଗୁଁ ଆୟରେ ଅସମାନତା ଦେଖିବାକୁ ମିଳିଛି । ଦେଶର ୧୦ ପ୍ରତିଶତ ସର୍ବାଧିକ ଧନୀ ବ୍ୟକ୍ତିଙ୍କ ନିକଟରେ ୪୫ ପ୍ରତିଶତ ସମ୍ପତ୍ତି ରହିଛି । ସେହିପରି ଦେଶର ୫୦ ପ୍ରତିଶତ ଗରିବଙ୍କ ନିକଟରେ ମାତ୍ର ୬ ପ୍ରତିଶତ ସମ୍ପତ୍ତି ଅଛି । ଶୀର୍ଷ ୧୦ ପ୍ରତିଶତ ଧନୀଙ୍କ ଉପରେ ଯଦି ଏକ ପ୍ରତିଶତ ଅଧିକ ଟିକସ ଲାଗୁ କରାଯାଏ ଏହି ଅର୍ଥରେ ୧୭.୭ ଲକ୍ଷ ନୂଆ ଅମ୍ଳଜାନ ସିଲିଣ୍ଡର ତିଆରି ହୋଇ ପାରିବ । ସେହିପରି ଦେଶର ଶୀର୍ଷ ୯୮ ଜଣ ଧନୀଙ୍କ ଉପରେ ଏକ ପ୍ରତିଶତ ଅଧିକ ଟିକସ ଲାଗୁ କରାଗଲେ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ ଚାଲିପାରିବ । ଦେଶର ୧୪୨ ବିଲିଅନାରଙ୍କ ମୋଟ ସମ୍ପତ୍ତି ୭୧୯ ବିଲିୟନ (ଏକ ବିଲିୟନ=୧୦୦କୋଟି) ଆମେରିକୀୟ ଡଲାର ଅର୍ଥାତ୍ ୫୩ ଲକ୍ଷ କୋଟି ଟଙ୍କା । ଦେଶର ୫୫.୫ କୋଟି ଗରିବ ଲୋକଙ୍କ ନିକଟରେ ଯେତେ ସମ୍ପତ୍ତି ଅଛି ୯୮ ସର୍ବାଧିକ ଧନୀ ବ୍ୟକ୍ତିଙ୍କ ନିକଟରେ ସେତିକି ଧନ ଅଛି । ଏହା ପ୍ରାୟ ୬୫୭ ବିଲିଅନ ଡଲାର ବା ୪୯ ଲକ୍ଷ କୋଟି । ୯୮ ଜଣ ଧନୀଙ୍କ ମୋଟ ସମ୍ପତ୍ତି ଭାରତ ସରକାରଙ୍କ ମୁଖ୍ୟ ବଜେଟର ୪୧ ପ୍ରତିଶତ ।

ଦେଶର ଶୀର୍ଷରେ ଥିବା ୧୦ ଜଣ ଧନୀ ଦୈନିକ ଏକ ନିୟୁତ ଡଲାର ବା ୭.୪ କୋଟି ଟଙ୍କା ଖର୍ଚ୍ଚ କଲେ ସେମାନଙ୍କ ସମ୍ପତ୍ତି ଶେଷ ହେବାକୁ ୮୪ ବର୍ଷ ସମୟ ଲାଗିବ । ଏମାନଙ୍କ ଉପରେ ସମ୍ପତ୍ତି କର ଲାଗୁ କରି ୭୮.୩ ବିଲିଅନ ଡଲାର ବା ୫.୮ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇ ପାରିବ । ଏହି ଅର୍ଥରେ ସରକାରଙ୍କ ସ୍ୱାସ୍ଥ୍ୟ ବଜେଟ ୨୭୧ ପ୍ରତିଶତ ବୃଦ୍ଧି ପାଇପାରେ । ୨୦୨୧ରେ ଶିକ୍ଷା କ୍ଷେତ୍ରକୁ ବଜେଟରେ ୬ ପ୍ରତିଶତ କମ୍ ଅର୍ଥ ଆବଣ୍ଟିତ ହୋଇଥିଲା । ସେହିପରି ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ପାଇଁ ବଜେଟରେ ୧୫ ପ୍ରତିଶତ ଅର୍ଥ ଆବଣ୍ଟିତ ହୋଇଥିଲା । ଏହା ହ୍ରାସ ପାଇ ୦.୬ ପ୍ରତିଶତରେ ପହଞ୍ଚିଛି । 'ଗ୍ଲୋବାଲ ୱେଲ୍‌ଥ ମାଇଗ୍ରେସନ ରିଭ୍ୟୁ ରିପୋର୍ଟ'ରେ କୁହାଯାଇଛି, ବର୍ଷ ୨୦୨୦ରେ ଦେଶରେ ଥିବା ସମୁଦାୟ କୋଟିପତିଙ୍କ ମଧ୍ୟରୁ ୨ ପ୍ରତିଶତ ଭାରତ ଛାଡ଼ିଛନ୍ତି । ୨୦୧୯ ତୁଳନାରେ ଗତବର୍ଷ ୬୩ ପ୍ରତିଶତ ଅଧିକ ଭାରତୀୟ କୋଟିପତି ଦେଶ ଛାଡ଼ିଛନ୍ତି । ୨୦୧୫ ରୁ ୨୦୧୯ ମଧ୍ୟରେ ୨୯ ହଜାର କୋଟିପତି ଭାରତ ଛାଡ଼ି ଅନ୍ୟ ଦେଶର ନାଗରିକତା ଗ୍ରହଣ କରିଥିବା ଜଣା ପଡ଼ିଛି । ଏମାନେ ବିଶେଷକରି କାନାଡ଼ା, ପର୍ତ୍ତୁଗାଲ, ଅଷ୍ଟ୍ରିଆ, ମାଲ୍ଟା, ତୁର୍କି, ଆମେରିକା ଓ ବ୍ରିଟେନ ଆଦି ଦେଶର ନାଗରିକତା ଗ୍ରହଣ କରିବାକୁ ପସନ୍ଦ କରୁଛନ୍ତି । ଭାରତ ସରକାରଙ୍କୁ ଟିକସ ଫାଙ୍କିବା ପାଇଁ ଏମାନେ ବିଦେଶ ପଳାୟନ କରୁଛନ୍ତି । ଯେଉଁମାନେ ଭାରତ ଛାଡ଼ି ଅନ୍ୟ ଦେଶର ନାଗରିକତା ଗ୍ରହଣ କରି ସେଠାରେ ରହି ଆସୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତରେ ନିଜର ବ୍ୟବସାୟକୁ ଛାଡୁ ନାହାନ୍ତି । କାରଣ କିଛିବର୍ଷ ସେମାନେ ବିଦେଶରେ ରହିବା ପରେ ଭାରତ ସରକାର ସେମାନଙ୍କୁ ଏନଆରଆଇ ମାନ୍ୟତା ଦେଇଥାନ୍ତି । ଫଳରେ ଏଠାରେ ସେମାନଙ୍କୁ ଆଉ 'କର୍ପୋରେଟ ଟିକସ' ଦେବାକୁ ପଡ଼େ ନାହିଁ ।

କରୋନାର ବିଭିନ୍ନ ଲହରରେ ଭାରତର ବେରୋଜଗାରଙ୍କ ସଂଖ୍ୟା ୧ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିଛି । ଏହି ସମୟରେ ଯଦି ଦେଶର ଧନୀମାନେ ବାହାରକୁ ପଳାଇବେ ତେବେ ଆର୍ଥିକ ସଙ୍କଟ ବୃଦ୍ଧି ପାଇବ । ସରକାରଙ୍କ ଟିକସ ଆଦାୟ ମଧ୍ୟ ହ୍ରାସ ପାଇବ । ଧନୀ-ଗରିବଙ୍କ ମଧ୍ୟରେ ବିଶାଳ ଫରକ ସୃଷ୍ଟି ହେବ । ସିଙ୍ଗାପୁର, ହଂକଂ, ବ୍ରିଟେନ ଓ ଦକ୍ଷିଣ କୋରିଆରେ ଟିକସ ବ୍ୟବସ୍ଥା ଭାରତ ଅପେକ୍ଷା ସରଳ । ପାଣିକୁ ନ ଓହ୍ଲାଇ ଶୁଖିଲାରେ ବସି ମାଛ ଧରିବା ହେଉଛି ଭାରତ ସରକାରଙ୍କ ଟିକସ ବ୍ୟବସ୍ଥା । ସରକାର ଯେତେ ସହଜରେ ଟିକସ ଆଦାୟ କରୁଛନ୍ତି ସେହି ଅନୁଯାୟୀ ସୁବିଧା ସୁଯୋଗ ସୃଷ୍ଟି କରୁ ନାହାନ୍ତି । ଧନୀ ଆହୁରି ଧନୀ ହୋଇ ଚାଲିଥିବା ବେଳେ ଗରିବ ଆହୁରି ଗରିବ ହେବାରେ ଲାଗିଛି ।

# ପ୍ରେମ ମାଧ୍ୟମରେ ଶାନ୍ତି

**ମହାତ୍ମା ଗାନ୍ଧୀ**



**ଆ**ନ୍ତର୍ଜାତିକ ବ୍ୟାପାର କ୍ଷେତ୍ରରେ ପ୍ରେମର ବିଧାନକୁ ସ୍ୱୀକାର କରିନେବା ପାଇଁ ହୁଏତ ଦୀର୍ଘ ସମୟ ଲାଗିବ । ସରକାରୀ ତନ୍ତ୍ରମାନେ ମଝିରେ ଛିଡ଼ାହୋଇ ରହି ଗୋଟିଏ ଜାତିର ହୃଦୟକୁ ଆଉ ଗୋଟିଏ ଜାତିର ହୃଦୟଠାରୁ ଲୁଚାଇ ରଖିଛନ୍ତି । ତଥାପି, ମଣିଷ ଭିତରେ ଯେପରି ହୋଇଛି, ଠିକ୍ ସେହିପରି ଜାତି ଜାତି ଭିତରେ ମଧ୍ୟ ବଳ ଯେ ସମସ୍ୟା ଗୁଡ଼ିକର ସମାଧାନ କରିବାରେ ବିଫଳ ହୋଇଛି, ଅତ୍ୟନ୍ତ ନିଶ୍ଚିତଭାବରେ ପୃଥିବୀ ସେହି ଉପଲବ୍ଧିର ନିକଟବର୍ତ୍ତୀ ହେଉଥିବାର ଆମେ ଦେଖି ପାରୁଛୁ, ଅସହଯୋଗର ଅର୍ଥନୈତିକ ଦଣ୍ଡ ବିଧାନର ପଦ୍ଧତିଟି ଯେ ସେନାବାହିନୀ ତଥା ନୌବାହିନୀମାନଙ୍କ ଠାରୁ ଅନେକ ଅଧିକ ଶକ୍ତିଶାଳୀ ଏବଂ ନିଷ୍ପତ୍ତିମୂଳକ, ସମସ୍ତେ ସେହି ଉପଲବ୍ଧିର ନିକଟ ହେଉଛନ୍ତି । ଏକ ନୂତନ ଶକ୍ତିକୁ ଉତ୍ପନ୍ନ କରି ଚକ ଭିତରେ କ୍ରିୟାଶୀଳ ନ କରିଥିବା ପର୍ଯ୍ୟନ୍ତ ପୁରୁଣା ଶକ୍ତିଗୁଡ଼ିକର କପ୍ତାନମାନେ ଏହି ନୂତନ ଉଦ୍‌ଭାବନଟିକୁ ସୈଦ୍ଧାନ୍ତିକ, ଅବ୍ୟବହାରିକ, ଆଦର୍ଶବାଦୀ ଓ ଆହୁରି କେତେ କ'ଣ ବୋଲି ନିଶ୍ଚୟ କହିବେ । ଆନ୍ତର୍ଜାତିକ ପ୍ରୀତି ପାଇଁ ଆବଶ୍ୟକ ତାରଗୁଡ଼ିକୁ ଖଞ୍ଜିବାକୁ ହୁଏତ ଦୀର୍ଘ ସମୟ ଲାଗିପାରେ, ମାତ୍ର ସେହି ପୁରୁଣା ବଳଗୁଡ଼ିକୁ ପ୍ରୟୋଗ କରି ବାଧ କରିବା ଅପେକ୍ଷା ଆନ୍ତର୍ଜାତିକ ଅସହଯୋଗର ପ୍ରତିବିଧାନଟିକୁ ସର୍ବଶେଷ ଓ ଯଥାର୍ଥ ସମାଧାନ ଦିଗରେ ଏକ ସୁସ୍ପଷ୍ଟ ଅଗ୍ରଗତି ବୋଲି କହିବାକୁ ହେବ ।

ସ୍ଥାୟୀ ଶାନ୍ତିର ସମ୍ଭାବନା ଉପରେ ବିଶ୍ୱାସ ନ କରିବା ହେଉଛି ମନୁଷ୍ୟ-ପ୍ରକୃତିର ଦିବ୍ୟତାକୁ ଅବିଶ୍ୱାସ କରିବା । ଏପର୍ଯ୍ୟନ୍ତ ଗ୍ରହଣ କରା ଯାଇଥିବା ଉପାୟଗୁଡ଼ିକ ବିଫଳ ହୋଇଛି, କାରଣ ଯେଉଁମାନେ ସେହିସବୁ ଉଦ୍ୟମ କରିଛନ୍ତି, ସେମାନଙ୍କ ଭିତରେ ଏକ ନିମ୍ନତମ ଆନ୍ତରିକତାର ମଧ୍ୟ ଅଭାବ ରହିଯାଇଛି । ସେମାନେ ଯେ ସେହି ଅଭାବଟିକୁ ହୃଦୟଙ୍ଗମ କରି ନ ଥିଲେ, ସେକଥା ଆଦୌ ନୁହେଁ । ଈପ୍‌ସିତ ଯୌଗିକଟିକୁ ପାଇବାର ପୂର୍ବସର୍ତ୍ତଗୁଡ଼ିକ ସମ୍ପୂର୍ଣ୍ଣଭାବରେ ପୂରଣ ନ ହେଲେ ଏକ ରାସାନିୟକ ଯୌଗିକ ଉତ୍ପାଦନ କରିବା ଯେପରି କଦାପି ସମ୍ଭବ ନୁହେଁ, ଠିକ୍ ସେହିପରି ସର୍ତ୍ତଗୁଡ଼ିକର ଆଂଶିକ ପରିପୂରଣ ଦ୍ୱାରା ଶାନ୍ତି ମଧ୍ୟ କଦାପି ସମ୍ଭବ ହେବନାହିଁ । ଧ୍ୱଂସ ଓ ବିନାଶର ଇଞ୍ଜିନ୍‌ଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିଥିବା ମନୁଷ୍ୟ ଜାତିର ସ୍ୱୀକୃତ ନେତାମାନେ ଯଦି ଏପରି କରିବାର ପରିଣାମ ବିଷୟରେ ସମ୍ପୂର୍ଣ୍ଣ ଅବହିତ ଥାଇ ସେଗୁଡ଼ିକର ବ୍ୟବହାରକୁ ପୂରାପୁରି ପରିହାର କରିବେ, ତେବେ ସ୍ଥାୟୀ ଶାନ୍ତି ଉପଲବ୍ଧ ହୋଇ ପାରିବ । ପୃଥିବୀର ବୃହତ୍ ଶକ୍ତିମାନେ ସେମାନଙ୍କର ସାମ୍ରାଜ୍ୟବାଦୀ ଯୋଜନାକୁ ତ୍ୟାଗ ନ କଲାଯାଏ ଏହା ସ୍ପଷ୍ଟତଃ କଦାପି ସମ୍ଭବ ହେବ ନାହିଁ । ପୁନଶ୍ଚ, ବୃହତ୍ ଜାତିମାନେ ମନୁଷ୍ୟର ଆତ୍ମାକୁ ନଷ୍ଟ କରି ଦେଉଥିବା ପ୍ରତିଯୋଗିତାରେ ବିଶ୍ୱାସ କରିବା ବନ୍ଦ ନ କଲାଯାଏ ଏହା ମଧ୍ୟ ସମ୍ଭବ ହେଲାପରି ମନେ ହେଉନାହିଁ । ଅର୍ଥାତ୍ ସେମାନେ ଅଭାବଗୁଡ଼ିକୁ ବହୁଗୁଣିତ କରିବାର ଓ ତେଣୁ ସେମାନଙ୍କର ଭୌତିକ ଧନସମ୍ପତ୍ତିକୁ ବଢ଼ାଇବାର ବାସନାକୁ ପରିତ୍ୟାଗ ନ କଲାଯାଏ ତାହା ସମ୍ଭବ ହେବନାହିଁ । ମୁଁ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ, ଏକ ଜୀବନ୍ତ ଈଶ୍ୱରଙ୍କଠାରେ ଏକ ଜୀବନ୍ତ ବିଶ୍ୱାସର ଅଭାବ ହିଁ ଏହି ଯାବତୀୟ ବିନଷ୍ଟିର ଅସଲ ମୂଳ । ଏହା ଏକ ପ୍ରଥମ ସ୍ତରୀୟ ମାନବୀୟ ଦୁଃଖ ଯେ, ଏହି ପୃଥିବୀରେ ଯେଉଁ ଲୋକମାନେ ଯୀଶୁଙ୍କ ସନ୍ଦେଶରେ ବିଶ୍ୱାସ କରନ୍ତି ବୋଲି ଦାବି କରନ୍ତି ଏବଂ ତାଙ୍କୁ ଶାନ୍ତିର ସମ୍ରାଟରୂପେ ବର୍ଣ୍ଣନା କରନ୍ତି, ସେମାନେ ବାସ୍ତବ ଜୀବନରେ ସେହି ବିଶ୍ୱାସର କୌଣସି ପରିଚୟ ଦିଅନ୍ତି ନାହିଁ । ଅତି ଦୁଃଖର ସହିତ ଏପରି ଦେଖିବାକୁ ମିଳିଥାଏ ଯେ, ଖ୍ରୀଷ୍ଟିଆନ୍ ଧର୍ମତତ୍ତ୍ୱଜ୍ଞମାନେ ଯୀଶୁ ସନ୍ଦେଶର ପରିସରକୁ ବଛା ବଛା କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ହିଁ ସୀମିତ କରି ରଖିଥାନ୍ତି । ମୋ'ର ପିଲାଟି ଦିନରୁ ମୁଁ ଏହି ଶିକ୍ଷା ପାଇଛି ତଥା ନିଜ ଅନୁଭବରୁ ମଧ୍ୟ ସତ୍ୟଟିକୁ ପରୀକ୍ଷା କରି ଜାଣିଛି ଯେ, ମନୁଷ୍ୟଶ୍ରେଣୀର ଅଧମତମ ବ୍ୟକ୍ତି ପକ୍ଷରେ ମଧ୍ୟ ମନୁଷ୍ୟ ସମାଜର ସର୍ବମୂଳ ଗୁଣଗୁଡ଼ିକର ଅନୁଶୀଳନ କରିବା ଅବଶ୍ୟ ସମ୍ଭବ ହେବ । ଏହି ସନ୍ଦେହ ରହିତ ସାର୍ବଜନିକ ସମ୍ଭାବନାଟି ହିଁ ମନୁଷ୍ୟକୁ ଈଶ୍ୱରଙ୍କର ଅବଶିଷ୍ଟ ସୃଷ୍ଟ ବସ୍ତୁଗୁଡ଼ିକଠାରୁ ଭିନ୍ନ କରି ରଖିଛି । ଯଦି ଗୋଟିଏ ଜାତି ମଧ୍ୟ ଆଦୌ କୌଣସି ସର୍ତ୍ତ ନ ରଖି ତ୍ୟାଗର ସେହି ସର୍ବୋଚ୍ଚ କାର୍ଯ୍ୟଟିକୁ କରି ଦେଖାଇ ଦିଅନ୍ତା, ଆମ ଭିତରୁ ଅନେକେ ଆମ ଜୀବଦ୍ଦଶାରେ ମଧ୍ୟ ପୃଥିବୀରେ ଶାନ୍ତିର ସାକାର ପ୍ରତିଷ୍ଠାକୁ ପ୍ରକୃତରେ ପ୍ରତ୍ୟକ୍ଷ କରି ପାରନ୍ତେ ।

ବୃହତ୍ ଶକ୍ତିମାନେ ସାହସୀ ହୋଇ ନିଜକୁ ନିରସ୍ତ୍ର କରିବା ନିମନ୍ତେ ନିଷ୍ପତ୍ତି ନ କଲାଯାଏ ଶାନ୍ତି କଦାପି ଆସିବ ନାହିଁ । ମୋତେ ଲାଗୁଛି ଯେ, ଏବେ ଘଟି ଯାଇଥିବା ଘଟଣାଗୁଡ଼ିକ ହୁଏତ ବୃହତ୍ ଶକ୍ତିମାନଙ୍କୁ ବଳପୂର୍ବକ ସେହି ବିଶ୍ୱାସରେ ବିଶ୍ୱାସୀ କରାଇବ । ମୋ' ଭିତରେ ପରୋକ୍ଷ ଭାବରେ ଏକ ବିଶ୍ୱାସ, ପୂର୍ବ ଅପେକ୍ଷା ବର୍ତ୍ତମାନ ଅଧିକ ଉଜ୍ଜ୍ୱଳ ହୋଇ ଜଳୁଥିବା ଏକ ବିଶ୍ୱାସ ରହି ଆସିଛି, ଅବିଚ୍ଛିନ୍ନ ଭାବରେ ଅର୍ଦ୍ଧଶତାବ୍ଦୀ କାଳ ଅହିଂସାର ପ୍ରୟୋଗ କ୍ଷେତ୍ରରେ ଅଭିଜ୍ଞତା ଲାଭ କରିବା ପରେ ସେହି ବିଶ୍ୱାସ ଅଧିକ ଉଜ୍ଜ୍ୱଳ ହୋଇ ଜଳୁଛି, ଯେ ମନୁଷ୍ୟ ଜାତିର କେବଳ ଅହିଂସା ଦ୍ୱାରା ହିଁ ରକ୍ଷା ହୋଇ ପାରିବ । ବାଇବେଲ୍ ପୁସ୍ତକକୁ ମୁଁ ଯେପରି ଭାବରେ ବୁଝିଛି, ଏହି ଅହିଂସା ହେଉଛି ବାଇବେଲ୍‌ର ସର୍ବପ୍ରଧାନ ଶିକ୍ଷା ।

# ପବିତ୍ର କାର୍ତ୍ତିକ ମାସର... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ପତ୍ରକୁ ଚୋବାଇ ଅଳ୍ପ ପାଣି ପିଅନ୍ତୁ । ବଂଚି ଯାଇଥିବା ପାଣିକୁ ଛାଣି ବୁନ୍ଦେ ଲେଖାଏଁ ଆଖିରେ ପକାନ୍ତୁ, ନାଭିରେ ଦେଇ ଘଷନ୍ତୁ ଏବଂ ତଳିପାଦରେ ଘଷନ୍ତୁ । ଆଖିର ଜ୍ୟୋତି ବୃଦ୍ଧି ପାଇବ ଏବଂ ଆଖିରୁ ପାଣି ବୋହିବା ବନ୍ଦ ହୋଇଯିବ ।

ଇନ୍ଦ୍ରିୟର ସତେଜତା ପାଇଁ - ଅଶ୍ୱିନୀ କୁମାର ଦେବତାମାନଙ୍କର ବୈଦ୍ୟ ଅଟନ୍ତି । ଯେଉଁ ଇନ୍ଦ୍ରିୟଗୁଡ଼ିକ ଶିଥିଳ ହୋଇଯାଇଥିବେ, ସେମାନଙ୍କୁ ପୁଷ୍ଟ କରିବା ସକାଶେ ଚନ୍ଦ୍ର କିରଣରେ କିଛି ସମୟ ପାଇଁ କିଛି କ୍ଷୀର ରଖନ୍ତୁ ଏବଂ ପ୍ରଭୁଙ୍କୁ ଭୋଗ ଲଗାଇ ଅଶ୍ୱିନୀ କୁମାରଙ୍କୁ ପ୍ରାର୍ଥନା କରି ନିବେଦନ କରନ୍ତୁ - ଆମର ଇନ୍ଦ୍ରିୟମାନଙ୍କର ବଳ ଏବଂ ଶକ୍ତି ବୃଦ୍ଧି କରନ୍ତୁ । ତାପରେ ସେହି କ୍ଷୀରକୁ ସେବନ କରନ୍ତୁ ।

କ୍ରୋଧ ଶାନ୍ତି ନିମନ୍ତେ - ଯେଉଁ ନାରୀର ପତି ଅତ୍ୟନ୍ତ କ୍ରୋଧୀ ହୋଇଥିବେ ସେମାନଙ୍କ ଶାନ୍ତି ନିମନ୍ତେ ପୂର୍ଣ୍ଣମୀ ରାତିରେ ଖିରି ପ୍ରସ୍ତୁତ କରନ୍ତୁ ଏବଂ ରାତି ୮ ଘଂଟାରୁ ୧୨ ଘଂଟା ପର୍ଯ୍ୟନ୍ତ ଚନ୍ଦ୍ର କିରଣ ପଡ଼ିବାକୁ ଦିଅନ୍ତୁ । ଖିରିକୁ କୌଣସି ପତଳା କନା କିମ୍ବା ଜାଲିରେ ଢାଙ୍କି ଦିଅନ୍ତୁ । ମଝିରେ ମଝିରେ ତାକୁ ରୂପା ଚାମଚରେ ଘାଂଟନ୍ତୁ ଏବଂ ଖିରିକୁ ହଲାଇ ଦିଅନ୍ତୁ । ଏହାକୁ ପତିଙ୍କୁ ଖାଇବାକୁ ଦିଅନ୍ତୁ । ପତି ଯେତେ କ୍ରୋଧୀ ହୋଇଥିଲେ ସୁଦ୍ଧା ତାଙ୍କର ରାଗ ଶାନ୍ତ ହୋଇଯିବ ।

ଶ୍ୱାସରୋଗୀଙ୍କ ନିମନ୍ତେ ଶରତ ପୂର୍ଣ୍ଣିମା ଦିନ ବରଦାନ ସଦୃଶ ହୋଇଥାଏ । ଶ୍ୱାସ ରୋଗ ପାଇଁ କୌଣସି ଆୟୁର୍ବେଦ ଔଷଧ ଦୋକାନରୁ ଔଷଧ ନେଇ ଆସନ୍ତୁ । ଚନ୍ଦ୍ର କିରଣରେ ରଖାଯାଇଥିବା



ଖିରିରେ ମିଶାଇ ଖାଇ ନିଅନ୍ତୁ । ରାତିରେ ଶୁଅନ୍ତୁ ନାହିଁ । ଶ୍ୱାସ ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇଯିବ ।

ଶରତ ପୂର୍ଣ୍ଣିମାର ଚନ୍ଦ୍ର କିରଣ ଗର୍ଭବତୀ ନାରୀର ନାଭିରେ ପଡ଼ିଲେ ଗର୍ଭ ପୁଷ୍ଟ ହୋଇଥାଏ । ଶରତ ପୂର୍ଣ୍ଣିମା ଚନ୍ଦ୍ରର ବିଶେଷ ମହତ୍ତ୍ୱ ରହିଛି ମାତ୍ର ବାର ମାସ ଚନ୍ଦ୍ରର କିରଣ ଗର୍ଭକୁ ଏବଂ ସମସ୍ତ ଔଷଧିକୁ ପୁଷ୍ଟ କରିଥାଏ । ୨୫୦ ମିଲିଗ୍ରାମ କ୍ଷୀରରେ ୧-୨ ଟା ବାଦାମ କିମ୍ବା ୨-୩ ଟା ଖଜୁରକୁ ଟୁକୁଡ଼ା କରି କ୍ଷୀରରେ ଫୁଟାନ୍ତୁ । ତାପରେ ଏହି କ୍ଷୀରକୁ ପତଳା ସୂତା କପଡ଼ାରେ ଢାଙ୍କିଦେଇ ଚନ୍ଦ୍ର କିରଣରେ ୨ରୁ ୩ ଘଂଟା ପର୍ଯ୍ୟନ୍ତ ରଖିଦିଅନ୍ତୁ । ଏହାକୁ ସକାଳେ ସେବନ କରନ୍ତୁ ।

ଦାନ୍ତ ମାଢ଼ିରୁ ରକ୍ତ ବାହାରୁଥିଲେ - ଶରତ ପୂର୍ଣ୍ଣିମା ରାତିରେ ଚନ୍ଦ୍ର କିରଣରେ ୨-୩ ଟି ସେଓକୁ ରଖିଦିଅନ୍ତୁ । ତାକୁ ଚୋବାଇ ଖାଇଲେ ଦାନ୍ତମାଢ଼ିରୁ ରକ୍ତ ବାହାରିବା ବନ୍ଦ ହୋଇଯାଏ ତଥା କୋଷ୍ଠବଦ୍ଧତାରୁ ମୁକ୍ତି ମିଳେ ।

ଶୁଣ୍ଠି, ଗୋଲମରିଚ ଏବଂ ଲବଙ୍ଗ ପକାଇ ପାଣିକୁ ଫୁଟାନ୍ତୁ । ପୂର୍ଣ୍ଣିମା ରାତିରେ ଦୁଇରୁ ତିନି ଘଂଟା ରଖି ତାକୁ ପାନକଲେ ବାରମ୍ବାର ଶର୍ଦ୍ଦି, କାଶ ଏବଂ ମୁଣ୍ଡବ୍ୟଥା ହୁଏନାହିଁ ।

ଏହି ଦିନ ଭୁଲରେ ସୁଦ୍ଧା ଏହି କାମ କରନ୍ତୁ ନାହିଁ । ଅମାବାସ୍ୟା ଏବଂ ପୂର୍ଣ୍ଣିମାର ବିଶେଷ ପ୍ରଭାବରୁ ସମୁଦ୍ରରେ ଜୁଆର ଏବଂ ଭଟ୍ଟା ଆସିଥାଏ । ଯେବେ ଚନ୍ଦ୍ରମା ଏହାଠାରୁ ଢେର୍ ଗୁଣ ବଡ଼ ସମୁଦ୍ରକୁ କମ୍ପିତ କରିପାରୁଛି, ଦୋହଲାଇ ଦେଇ ପାରୁଛି ତେବେ ଆମର ଶରୀରରେ ଯେଉଁ ଜଳୀୟ ଅଂଶ ରହିଛି, ସପ୍ତ ଧାତୁ ରହିଛନ୍ତି, ସପ୍ତ ରଂଗ ରହିଛି - ସେମାନଙ୍କୁ ମଧ୍ୟ ଚନ୍ଦ୍ରମା ପ୍ରଭାବିତ କରୁଥିବ ନିଶ୍ଚୟ । ଏହି ଦିନ ଗୁଡ଼ିକରେ ସ୍ତ୍ରୀ ପୁରୁଷ ସମ୍ଭୋଗ କଲେ ବିକଳାଙ୍ଗ ସନ୍ତାନ ଜାତ ହୋଇଥାନ୍ତି ଏବଂ ଅସାଧ୍ୟ ବ୍ୟାଧିର ଶୀକାର ହୋଇଥାନ୍ତି । ଏ ଦିନ ଗୁଡ଼ିକରେ ଉପବାସ, ବ୍ରତାଦି କଲେ ଶରୀର ସୁସ୍ଥ ରହେ ଏବଂ ମନ ମଧ୍ୟ ପ୍ରସନ୍ନ ରହି ବୁଦ୍ଧି ବିବେକ ଜ୍ଞାନ ପ୍ରାପ୍ତିହୁଏ ।

ଅନୁବାଦ -

କ୍ଷେତ୍ରମଣି ବିଭାର, ସୁମିକ୍ଷେତ୍ର, ପ୍ରଗତି ବିହାର, ସମ୍ବଲପୁର

# ସ୍ୱର୍ବେଦ

**ୱ୍େ ପଞ୍ଚୋଦନ ଦେଓ୍ୱତା, ଦକ୍ଷିଣ ଜ୍ୟୋତିଷ ଜାନ ।**
**ଜୋ ଆଚାର୍ଯ୍ୟ ଅରପଣ କରେ, ପାଓ୍ୱେ ପଦ ନିରଓ୍ୱାନ ॥୫୧॥**

ଭାଷ୍ୟ - ପଞ୍ଚୋଦନ ଦେବତା ଦକ୍ଷିଣ ଜ୍ୟୋତିଷ ଅଟନ୍ତି, ଯେଉଁ ଆଚାର୍ଯ୍ୟ ଏମାନଙ୍କୁ ଅର୍ପଣ କରିଥାନ୍ତି, ସେ ନିର୍ବାଣ ପଦ ପ୍ରାପ୍ତ କରିଥାନ୍ତି । ଯିଏ ଦକ୍ଷିଣ ଜ୍ୟୋତିଷ ସ୍ଥିତ ପଞ୍ଚୋଦନ ଆତ୍ମାକୁ ଆଚାର୍ଯ୍ୟରେ ସମର୍ପିତ କରିଥାଏ, ସେ ନିର୍ବାଣ ପରମଧାମକୁ ପ୍ରାପ୍ତ ହୋଇଥାଏ ।

**ଓ୍ୱାକର ପାଁଚୋ କୋଶ ୱ୍େ, ଅଓ୍ୱରୌଁ ପାଁଚ ଶରୀର ।**
**କଓ୍ୱଚ ରୂପ ରକ୍ଷା କରେଁ, ମହିମା ସଦ୍‌ଗୁରୁ ଧୀର ॥୫୨॥**

ଭାଷ୍ୟ - ପଞ୍ଚୋଦନ ଅଜକୁ ପ୍ରଦାନ କରୁଥିବା ସତ୍‌ପୁରୁଷଙ୍କ ପାଞ୍ଚ ଶରୀର ଆଉ ପାଞ୍ଚ କୋଶ କବଚ ରୂପରେ ରକ୍ଷା କରିଥାନ୍ତି । ଏହା ମେଧାବୀ ମହାନ୍ ସଦ୍‌ଗୁରୁଙ୍କର ମହିମା ଅଟେ ।

**ପଞ୍ଚୋଦନ ଅର୍ପଣ କରେ, ଦକ୍ଷିଣ ଜ୍ୟୋତିଷ ଦାନ ।**
**ପ୍ରଭୁ ସେ ତପ ବଲ ଅନ୍ନ ମିଲୈ, ସୁଖ ଶାନ୍ତୀ ତତ୍ତ୍ୱ ଜ୍ଞାନ ॥୫୩॥**


ଭାଷ୍ୟ - ଯିଏ ବଳ ରୂପକ ଚେତନ ପ୍ରକାଶମୟ ଭକ୍ତିକୁ ପାଞ୍ଚ ଜ୍ଞାନ ଶକ୍ତି ରୂପକ ଆତ୍ମାକୁ ସମର୍ପଣ କରିଦିଏ ତାହାକୁ ପ୍ରଭୁ ତପ, ବଳ, ଅନ୍ନ, ସୁଖ, ଶାନ୍ତି ଏବଂ ତତ୍ତ୍ୱଜ୍ଞାନ ପ୍ରଦାନ କରନ୍ତି ।

**ବ୍ରହ୍ମଓ୍ୱେତ୍ତା ଓ୍ୱହ ଜାନତେ, ଓ୍ୱାଣୀ ଚାର ସ୍ୱରୂପ ।**
**ତୀନ ରୂପ ଅନ୍ତର ଗୁହା, ଚୌଥା ବାହର ରୂପ ॥୫୪॥**

ଭାଷ୍ୟ - ବାଣୀର ଚାରି ସ୍ୱରୂପକୁ ବ୍ରହ୍ମ ତତ୍ତ୍ୱଦର୍ଶୀ ଯୋଗୀ ଜାଣନ୍ତି । ତାହାର ତିନି ପ୍ରକାର ରୂପ ଅନ୍ତର ଭିତରେ ଆଉ ଚତୁର୍ଥ ବାକ୍‌ଶକ୍ତି ବାହ୍ୟ ରୂପରେ ପ୍ରକଟ ହୁଏ । ପରା, ପଶ୍ୟନ୍ତି, ମଧ୍ୟମା ଏବଂ ବୈଖରୀ - ଏହା ବାଣୀର ଚାରୋଟି ସ୍ୱରୂପ ଅଟେ ।

**କାର୍ଯ୍ୟ ସିଦ୍ଧି ସମୃଦ୍ଧି ଓ୍ୱହ, ଓ୍ୱିଶେଷ ଜ୍ଞାନ ଉତ୍ଥାନ ।**
**ପ୍ରଓ୍ୱୃତି କହାଁ କିସ କାରଣ, ଜିଓ୍ୱନ ହୋୟ ଉତପାନ ॥୫୫॥**

ଭାଷ୍ୟ - ବ୍ରହ୍ମ ପ୍ରାପ୍ତି ହେବା ପରେ ସମସ୍ତ ଲକ୍ଷ୍ୟର ସିଦ୍ଧି ବୃଦ୍ଧି ଆଉ ବିଶେଷ ଜ୍ଞାନ ଲାଭ ହୋଇଥାଏ । ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ଆତ୍ମାର ବାହ୍ୟ ପ୍ରବୃତ୍ତି ଦୂର ହୋଇଯିବା ଫଳରେ ପ୍ରାକୃତିକ ଜୀବନ ଉତ୍ପନ୍ନ ହୋଇଥାଏ ।




**ଅମୃତ ସେ ଆଓ୍ୱୃତ ହୈ, ବ୍ରହ୍ମପୁରୀ ପର ଧାମ ।**
**ଦିର୍ଘ ଜୀଓ୍ୱନ ସୁଖ ଶାନ୍ତି ସେ, ପୂରଣ ଅବିଚଲ ନାମ ॥୫୬॥**

ଭାଷ୍ୟ - ଉତ୍କୃଷ୍ଟ ଧାମ ବ୍ରହ୍ମପୁରୀ ଅମୃତରେ ଘେରି ହୋଇ ରହିଛି, ଯାହା ବଳରେ ଦୀର୍ଘ ଜୀବନ, ସୁଖ, ଶାନ୍ତି ଏବଂ ପରିପୂର୍ଣ୍ଣ ସତ୍‌ପୁରୁଷଙ୍କର ପ୍ରାପ୍ତି ହୋଇଥାଏ ।

**ବ୍ରହ୍ମପୁରୀ ଦର୍ଶନ କରୋ, ହଁସ ମହା ମୁନି ସୋୟ ।**
**ପ୍ରାଣ ଚକ୍ଷୁ ତ୍ୟାଗେ ନହିଁ, ମହା ପ୍ରଲୟ ତକ ସୋୟ ॥୫୭॥**

ଭାଷ୍ୟ - ଯେଉଁ ବ୍ରହ୍ମନିଷ୍ଠ ଅମର ଯୋଗେଶ୍ୱର ବ୍ରହ୍ମପୁରୀକୁ ପ୍ରାପ୍ତ ହୁଅନ୍ତି, ସେ ମହାପ୍ରଳୟ ପର୍ଯ୍ୟନ୍ତ ପ୍ରାଣ ଏବଂ ଚକ୍ଷୁ ଛାଡ଼ନ୍ତି ନାହିଁ ।

**ବ୍ରହ୍ମପୁରୀ ପରଓ୍ୱେଶ କର, ପରକଟ ଦରଶନ କୀନ୍‌ହ ।**
**ସନ୍ତ ଦେଓ୍ୱ କହ ଆପ୍ତ ୱ୍େ, ଜଗ ଜୀଓ୍ୱନ ସୁଖ ଦୀନ୍‌ହ ॥୫୮॥**

ଭାଷ୍ୟ - ଯିଏ ବ୍ରହ୍ମପୁରୀରେ ପ୍ରବେଶ କରି ପରମବ୍ରହ୍ମ ତତ୍ତ୍ୱକୁ ପ୍ରତ୍ୟକ୍ଷ ଭାବରେ ପ୍ରାପ୍ତ କରି ନିଅନ୍ତି, ସେ ଦେବତୁଲ୍ୟ ସନ୍ଥ ଏବଂ ଆପ୍ତ ଅଟନ୍ତି । ସେ ଜଗତର ଜୀବମାନଙ୍କୁ ପରମ ସୁଖ ଏବଂ ଆନନ୍ଦ ପ୍ରଦାନ କରିଥାନ୍ତି ।

**ଅଜିତପୁରୀ ଏକ ଦେଓ୍ୱ କୀ, ଇସ ଶରୀର କେ ମାହିଁ ।**
**କୋଷ ଏକ ପରକାଶ ମୟ, ଶବ୍ଦ ଅଚ୍ଛାଦିତ ତାହିଁ ॥୫୯॥**

ଭାଷ୍ୟ - ଏହି ଶରୀର ଭିତରେ ଦେବତାଙ୍କର ଏକ ଅଜେୟ ନଗରୀ ଅଛି, ଯେଉଁଠି ଏକ ପ୍ରକାଶମାନ କୋଷ ଅଛି ଯାହା ଶବ୍ଦାନନ୍ଦରେ ଆଚ୍ଛାଦିତ ହୋଇ ରହିଛି ।

**ୱ୍େ ହିରଣ୍ୟ ମୟ କୋଷ କା, ବ୍ରହ୍ମଓ୍ୱେତ୍ତା କୋ ଜ୍ଞାନ ।**
**ମୂଢ଼ ତାହି ଜାନେ ନହିଁ, ଜାନ ନ ଜଗତ ସୟାନ ॥୬୦॥**

ଭାଷ୍ୟ - ବ୍ରହ୍ମଓ୍ୱେତ୍ତାଙ୍କୁ ହିଁ ସେହି ପ୍ରକାଶମାନ ଭଣ୍ଡାର ବିଷୟରେ ଜ୍ଞାନ ଅଛି । ମୂଢ଼ ବ୍ୟକ୍ତି ତାହାକୁ ଜାଣିପାରେ ନାହିଁ କିମ୍ବା ସଂସାରର କୁଶଳ ବୋଲାଯାଉଥିବା ବ୍ୟକ୍ତି ମଧ୍ୟ ଜାଣିପାରେ ନାହିଁ ।

**ସ୍କମ୍ଭ ପଦାରଥ କୌନ ହୈ, ସ୍କମ୍ଭ କଓ୍ୱନ ହୈ ଦେଓ୍ୱ ।**
**ଋଷି ମୁନି ଜେହି ଖୋଜତ ଫିରୈଁ, କରୈଁ ପ୍ରଜାପତି ସେଓ୍ୱ ॥୬୧॥**

ଭାଷ୍ୟ - ସ୍ତମ୍ଭ ପଦାର୍ଥ କିଏ ? ସେ କେଉଁ ଦେବତା ଅଟନ୍ତି ? ଋଷି ମୁନି ଯାହାଙ୍କୁ ପାଇବା ନିମନ୍ତେ ପ୍ରଯତ୍ନ କରିଥାନ୍ତି ଏବଂ ବ୍ରହ୍ମାଦି ଯାହାଙ୍କୁ ଭକ୍ତି କରନ୍ତି ।

**ସ୍କମ୍ଭ ସକଲ ଆଧାର ହୈ, ଅନ୍ତର ଗହନ ଗମ୍ଭୀର ।**
**ଦେଓ୍ୱ ସଦାଫଲ ଗୂଢ଼ ହୈ, ଗହରାଈ ଅତି ତୀର ॥୬୨॥**

ଭାଷ୍ୟ - ସମଗ୍ର ଜଗତର ଆଧାର ସ୍କମ୍ଭ ଅଟନ୍ତି । ସେ ଅତ୍ୟନ୍ତ ସୂକ୍ଷ୍ମାନ୍ତର ଏବଂ ଅନ୍ତର୍ନିହିତ ତତ୍ତ୍ୱ ଅଟନ୍ତି । ସ୍କମ୍ଭ ଆଧାରରେ ହିଁ ସମସ୍ତ ଚରାଚର ଜଗତ ନିର୍ମିତ ହୋଇ ସ୍ଥିତ ହୋଇଅଛି । ସମସ୍ତ ତତ୍ତ୍ୱଗୁଡ଼ିକର ଜୀବନ ଆଧାର ସର୍ବୋପରି ପରମ ତତ୍ତ୍ୱ ସ୍କମ୍ଭ ଅଟନ୍ତି ।

**॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ, ତୃତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

**ଚତୁର୍ଥ ଅଧ୍ୟାୟ**

**କମ୍ପ ସକଲ ସଂସାର ମେଁ, ୟହ କିସକା ହୈ କମ୍ପ ।**
**କୌନ ଦେଓ୍ୱ କ୍ୟୋଁ କମ୍ପ ହୈ, ଓ୍ୱିଦ୍ୱନ କହିୟେ କମ୍ପ ॥୦୧॥**

ଭାଷ୍ୟ - ସକଳ ସଂସାରରେ ଯେଉଁ କମ୍ପନ ହେଉଅଛି, ତାହା କାହାର କମ୍ପନ ? କେଉଁ ଦେବତା କମ୍ପନ ଦେଉଛନ୍ତି ? ହେ ବିଦ୍ୱାନ୍ ! ଏହି କମ୍ପନ ବିଷୟରେ ଅବତାରଣା କରନ୍ତୁ ।

**ତୁମ ମେଁ ଭୀ ୟହ କମ୍ ହୈ, ତୁମ ନହିଁ ଜାନତ ସୋୟ ।**
**କମ୍ପ କହାଁ ସେ ହୋତ ହୈ, ସମଝତ ଗୁରୁ ଗମ କୋୟ ॥୦୨॥**

ଭାଷ୍ୟ - ତୁମ ଠାରେ ମଧ୍ୟ ଏହି କମ୍ପନ ହେଉଅଛି, ତୁମେ କିନ୍ତୁ ଜାଣି ପାରୁନାହଁ । କମ୍ପନ କେଉଁଠାରୁ ହେଉଅଛି, ଏହାକୁ ଗୁରୁ ଭେଦ ବିନା ଜାଣି ହୁଏନାହିଁ ।

**କଲଶ ସୋମରସ ପୂର୍ଣ୍ଣ ହୈ, ସତତ ଓ୍ୱିରାଜତ ସୋୟ ।**
**ସନ୍ତ ଓ୍ୱିଓ୍ୱେକୀ ଜାନତେ, ପିୟତ ମହା ସୁଖ ହୋୟ ॥୦୩॥**

ଭାଷ୍ୟ - ସୋମ ରସରେ ପରିପୂର୍ଣ୍ଣ ଘଟ ସର୍ବଦା ନିଜ ସ୍ଥାନରେ ସ୍ଥିତ ରହିଛି । ଏହାକୁ ବିବେକୀ ସନ୍ଥ ଜାଣନ୍ତି, ଯାହାକୁ ପାନ କରି ପରମ ସୁଖ ପ୍ରାପ୍ତିହୁଏ ।

**ପରମ ପୁରୁଷ ଅରୁ ଆତମା, ଅଓ୍ୱର ପ୍ରଜାପତି ଦେଓ୍ୱ ।**
**ମନ ପ୍ରକୃତି ୱ୍େ ଜ୍ଞାନ ହୋ, ସଦ୍‌ଗୁରୁ ସୁକୃତ ଦେଓ୍ୱ ॥୦୪॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଅଧିକାରୀ ଜିଜ୍ଞାସୁଙ୍କୁ ପରମ ପୁରୁଷ, ଆତ୍ମା, ଅକ୍ଷର, ମନ, ପ୍ରକୃତି ତଥା ଅନାଦି ସଦ୍‌ଗୁରୁ ସୁକୃତ ଦେବ - ଏହି ଛଅ ପଦାର୍ଥଗୁଡ଼ିକର ଜ୍ଞାନ ହେବା ଆବଶ୍ୟକ । ଏହି ଛଅଟିର ଜ୍ଞାନରୁ ଆଧ୍ୟାତ୍ମ କ୍ଷେତ୍ରର ସମସ୍ତ ଜ୍ଞାନ ପ୍ରାପ୍ତ ହୋଇଯାଏ ।

**ବ୍ରହ୍ମପୁରୀ ସତ୍ୟ ତେଜ ସେ, ଉର୍ଦ୍ଧ୍ୱ ପ୍ରକାଶିତ ହୋୟ ।**
**ଓ୍ୱହ ଆଭା ନୀଚେ ଚଲେ, ବ୍ରହ୍ମ ଜ୍ଞାନମୟ ସୋୟ ॥୦୫॥**

ଭାଷ୍ୟ - ସମାଧି ଧାମକୁ ବ୍ରହ୍ମପୁରୀ କହନ୍ତି । ତାହା ନିଜର ସତ୍ୟ ତେଜରୁ ଉର୍ଦ୍ଧ୍ୱ କେନ୍ଦ୍ରରେ ପ୍ରକାଶମାନ ହେଉଅଛି । ସେହି ସତ୍ୟ ତେଜର ପ୍ରଭାବ ନିମ୍ନକୁ ଆସି ବ୍ରହ୍ମ ଜ୍ଞାନମୟ ରୂପରେ ପରିଣତ ହୁଏ ।

**ଦୋ ଅରଣୀ ସଂଘର୍ଷ ସେ, ପ୍ରକଟ ଅଗ୍ନି ଜ୍ୟୋଁ ହୋୟ ।**
**ତ୍ୟୋଁ ମମ ୟୋଗାଭ୍ୟାସ ସେ, ଉଦୟ ବ୍ରହ୍ମଛଓ୍ୱି ସୋୟ ॥୦୬॥**

ଭାଷ୍ୟ - ଦୁଇଟି କାଠର ଘର୍ଷଣରୁ ଯେପରି ଅଗ୍ନି ସ୍ଫୁଲିଙ୍ଗ ଜାତ ହୋଇଥାଏ, ଠିକ୍ ସେପରି ବ୍ରହ୍ମବିଦ୍ୟା ଯୋଗ ରୂପୀ ସଂଘର୍ଷରୁ ବ୍ରହ୍ମଜ୍ୟୋତି ପ୍ରକଟ ହୋଇଥାଏ । ଅର୍ଥାତ୍ ଯୋଗର ପରମ ପୁରୁଷାର୍ଥରୁ ପରମବ୍ରହ୍ମଙ୍କର ପ୍ରକଟ ସାକ୍ଷାତ୍‌କାର ହୋଇଥାଏ ।

# ଔଷଧୀୟ ଲାଉ

**ଲା**ଉକୁ ସାଧାରଣତଃ ଆମେ ଏକ ପରିବା ରୂପରେ ବ୍ୟବହାର କରିଥାଉ । ଲାଉ ଶରୀର ପାଇଁ ଖୁବ୍ ଉପଯୋଗୀ ହୋଇଥିଲେ ହେଁ, ଏହାକୁ କିଛି ଲୋକ ଖାଇବାକୁ ଆଦୌ ଭଲ ପାଆନ୍ତି ନାହିଁ । କିନ୍ତୁ ଏଥିରେ ବହୁ ଔଷଧୀୟ ଗୁଣ ରହିଛି ।

ଲାଉର ଜୁସ୍ ପିଇବା ଦ୍ୱାରା ଲାଭଦାୟକ, କାରଣ ଗରମ ସମୟରେ ଏହାକୁ ସେବନ କରିବା ଉଚିତ୍ । କାହିଁକି ନା ଗରମ ଅବସରରେ ଦେହରୁ ଅଧିକ ଝାଳ ବହୁଥିବା ଯୋଗୁଁ ଏହାର ଜୁସକୁ ସେବନ କରିବା ଫଳରେ ଶରୀରରେ ପୁନଃ ଶକ୍ତି ଅନୁଭବ ହେବା ସହିତ ଶରୀରରେ ଜଳୀୟ ଅଂଶ ବୃଦ୍ଧି ପାଇଥାଏ । ଅନିଦ୍ରା ରୋଗରେ ପୀଡିତ ଲୋକ ଲାଉ ରସ ସେବନ କରିବା ସହିତ ତିଳ ତେଲ ମିଶାଇ ମୁଣ୍ଡରେ ମାଲିସ କରିଲେ ଏହି ରୋଗ ଦୂର ହୋଇଥାଏ । ଆଜିକାଲି ବହୁ ଲୋକଙ୍କ ଠାରେ ହୃଦଗତ ସମସ୍ୟା ଦେଖା ଦେଉଛି । ତେଣୁ ହୃଦୟ ରୋଗ ପାଇଁ ଲାଉ ରସ ପିଅନ୍ତୁ । ଲାଉ ରସ ଅସମୟରେ କେଶ ପାଚିବାକୁ ରୋକିଥାଏ । ଆପଣଙ୍କ



କେଶର ରୁକ୍ଷତା ରହିଥିଲେ ଅଁଳା ରସ ଓ ଲାଉ ରସକୁ ସମାନ ଭାବରେ ମିଶାଇ ଏହାକୁ ସେବନ କରନ୍ତୁ । ଏଇ ରସକୁ କେଶ ମୂଳରେ ମାଲିସ କରନ୍ତୁ । ମୁଣ୍ଡରୁ ସମ୍ପୂର୍ଣ୍ଣ ରୂପରେ ରୂପି ଦୂର ହୋଇଯିବ ।

ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ । ତେଣୁ ମଧୁମେହ ରୋଗୀ ନିୟମିତ ଖାଦ୍ୟରେ ଲାଉକୁ ସାମିଲ କରିବା ଉଚିତ । ଲିଭର ଓ କିଡନୀ ଫୁଲା କମ କରିବା ପାଇଁ ଲାଉ ଖୁବ୍ ଲାଭଦାୟକ । ବଦହଜମୀକୁ ରୋକିବା ପାଇଁ ମଧ ଏହାକୁ ଆପଣାନ୍ତୁ । ଲାଉରେ ବହୁ ଔଷଧୀୟ ଗୁଣ ଭରି ରହିଛି ତେଣୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଖାଦ୍ୟରେ କିଛି ମାତ୍ରାରେ ଲାଉକୁ ସାମିଲ କରିବା ଉଚିତ ।

# ଦୁଇ କୋଲା ରସୁଣରେ ହୃତ୍‌ପିଣ୍ଡ ସୁରକ୍ଷା



**ସା**ମ୍ପ୍ରତିକ ବ୍ୟସ୍ତବହୁଳ ଅନିୟମିତ ଜୀବନଶୈଳୀରେ କେତେକଙ୍କ ଠାରେ ହାର୍ଟ ସମସ୍ୟା ଦେଖାଯାଉଛି । ତେବେ ଏହାର ଚିକିତ୍ସା ଆରମ୍ଭରୁ ଘରେ କରାଯାଇ ପାରେ । ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ରସୁଣ ଦ୍ୱାରା ଏହାର ସଫଳ ଉପଚାର ହେବା ସହିତ ଗୁରୁତର ହାର୍ଟ ସମ୍ପର୍କିତ ସମସ୍ୟା ଠାରୁ ଦୂରେଇ ରହି ହେବ ।

ହାର୍ଟ ସମସ୍ୟା କ୍ଷେତ୍ରରେ ରସୁଣର ପରୀକ୍ଷାମୂଳକ ଅଧ୍ୟୟନ ବେଶ୍ ଉତ୍ସାହଜନକ ମଧ ରହିଛି । ଯାହା ପରବର୍ତ୍ତୀ ସମୟରେ ଅନେକ କ୍ଲିନିକାଲ ପରୀକ୍ଷଣକୁ ପ୍ରୋତ୍ସାହିତ କରିଥିଲା । କ୍ଲିନିକାଲ ଟ୍ରାଏଲରେ ହାର୍ଟ ସମସ୍ୟା ଦୂର କରିବାରେ ରସୁଣର ଏକ ସକାରାତ୍ମକ ପ୍ରଭାବ ଦେଖାଯାଇଛି ।

ରସୁଣର ଠିକ୍ ବ୍ୟବହାର କରିବା ଏବଂ ଏହାର ସର୍ବାଧିକ ଲାଭଦାୟକ ପ୍ରଭାବ ଉପଲବ୍ଧି କରିବା ସମଗ୍ର ବିଶ୍ୱରେ ବୈଜ୍ଞାନିକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । କାରଣ ହାର୍ଟ ସମସ୍ୟାକୁ ରୋକିବା ପାଇଁ ଏହା ସବୁଠାରୁ ଶସ୍ତା ଉପାୟ । ରସୁଣରେ ଆଲିସିନ (ଆଲିଲ ୨-ପ୍ରୋପେନେଥାଇ ସୁଲଫିନେଟ କିମ୍ବା ଡାଏଲ ଥିଓସୁଇଫିନେଟ) ଥାଏ । ଏହା ଏକ ବାୟୋଆକ୍ଟିଭ ଯୌଗିକ ।

କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ରସୁଣ ଏବଂ ରସୁଣ ସପ୍ଲିମେଣ୍ଟ୍ ଗୁଡିକ କୋଷର କ୍ଷତିକୁ ରୋକିବା, କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବା ଏବଂ ରକ୍ତଚାପ ହ୍ରାସ କରି ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ରସୁଣର ଫାଇବ୍ରିନୋଲାଇଟିକ କାର୍ଯ୍ୟକଳାପ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ।

## ଟିକିଏ ହସନ୍ତୁ

ରିଙ୍କୁ: ଆରେ ସାଙ୍ଗ ପ୍ରେମର ଅନ୍ୟନାମ କ'ଣ ?
ଚିଙ୍କୁ: ଏତିକି ଜାଣିନୁ ! ସମର୍ପଣ !
ରିଙ୍କୁ: ତେବେ ବିବାହର ଅନ୍ୟ ନାମ କ'ଣ ?
ଚିଙ୍କୁ: ଆତ୍ମସମର୍ପଣ ।

× × × ×

ଗର୍ଲଫ୍ରେଣ୍ଡ: ଜାଣିଛ ଜାନୁ କାଲି ମୁଁ କ'ଣ ସ୍ୱପ୍ନରେ ଦେଖିଛି ?
ବୟଫ୍ରେଣ୍ଡ: କ'ଣ ଦେଖିଲ ?
ଗାର୍ଲଫ୍ରେଣ୍ଡ: ତୁମେ ମତେ ୫ ହଜାର ଟଙ୍କାର ଏକ ସାର୍ଟ ଗିଫ୍ଟ ଦେଇଛ ।
ବୟଫ୍ରେଣ୍ଡ: ଆଚ୍ଛା ।
ଗାର୍ଲଫ୍ରେଣ୍ଡ: ହଁ, ଏକଦମ ସତ କହୁଛି ।
ବୟଫ୍ରେଣ୍ଡ: ଠିକ୍ ଅଛି ଆଜି ମୁଁ ସ୍ୱପ୍ନରେ ସେହି ସାର୍ଟ ପିନ୍ଧିଦେବି, ବ୍ୟସ୍ତ ହୁଅନି ।



× × × × × ×

ଜଣେ ମୋଟି ମହିଳା ଡାକ୍ତର ପାଖକୁ ଯାଇଥିଲେ....
ମହିଳା: ଡାକ୍ତର ବାବୁ ଆପଣ ତ କହିଥିଲେ ଖେଳିଲେ ମୁଁ ଝଡିଯିବି । କିନ୍ତୁ ମୁଁ ତ ଦିନ ୨ ଘଣ୍ଟା ସ୍ଥାନରେ ୪ ଘଣ୍ଟା ଖେଳିବା ବଢ଼ାଇ ଦେଲିଣି ତଥାପି କ'ଣ ପାଇଁ ଝଡୁନି ।
ଡାକ୍ତର: ତମେ କେଉଁ ଖେଳ ଖେଳୁଛ ?
ମୋଟି ମହିଳା: ସାର୍ 'କାଣ୍ଡି କ୍ରସ' ଡାକ୍ତର ବେହୋସ !

× × × × × ×

ଦୀପୁ ତା'ର ପତ୍ନୀକୁ...
ଆରେ କୁହ ତ ତୁମେ ଝିଅମାନେ ବିବାହ ପରେ ବିଦାହେଲା ବେଳେ କ'ଣ ପାଇଁ ଏତେ କାନ୍ଦୁଥିଲ ?
ପତ୍ନୀ: ତମେ କ'ଣ ପାଗଳ ନା କ'ଣ.. ? ଆଚ୍ଛା କୁହ ତ ତୁମକୁ କିଏ ଯଦି ଘରୁ ନେଇ ତାଙ୍କ ଘରେ ବାସନ ମଜାଇବ, ରୋଷେଇ କରାଇବ ତେବେ ତମେ କ'ଣ ନାଚିବ ।

× × × × × ×

ଜଣେ ରୋମିଓ ଝିଅ ପଛରେ ଖୁବ୍ ଦୌଡି ଦୌଡି ଆସି ପହଞ୍ଚି କହିଲା, ପ୍ଲିଜ୍ ଶୁଣିବେ ।
ଯୁବତୀ: (ପଛକୁ ଚାହିଁ) କ'ଣ ହେଲା ?
ରୋମିଓ: ମୁଁ ତୁମ ସହିତ ଦୋସ୍ତି କରିବାକୁ ଚାହୁଁଛି ।
ଯୁବତୀ: ମୁଁ କିନ୍ତୁ ତୁମ ସହିତ କେବେ ତ ଦୁଷ୍ମନୀ କରିନି ଭାଇ !
ରୋମିଓ ବେହୋସ୍ ! ।

× × × × × ×

ରାଜେଶ: କାହିଁକି ମନଦୁଃଖ କରିଛୁ ମୁନା ।
ମୁନା: ଭାଇଙ୍କର କାଲି ଗୋଟେ ଝିଅ ହୋଇଛି ।
ରାଜେଶ: ସେଇଠୁ କ'ଣ ହେଲା ? ଏବେ ତ ଲୋକେ ଆମ ଘର ଆଗରେ ଲାଇନ ଲଗାଇବେ । ତୁ ଚିନ୍ତା କରନା, ଆମେ ତା' ନାଁ ଦାଦିମା ରଖିଦବା ।

## ନଡ଼ିଆର ଉପକାରିତା

ନଡିଆକୁ ଶ୍ରୀଫଳ କୁହାଯାଇଥାଏ । ପୂଜା କାର୍ଯ୍ୟରେ ଏହାକୁ ପ୍ରଥମେ ଲୋଡା ଯାଇଥାଏ । ସବୁ ଫଳଠାରୁ ନଡିଆର ସ୍ୱାଦ ସମ୍ପୂର୍ଣ୍ଣ ନିଆରା । କଷି ବେଳେ ଏହାର ପାଣି ପେଟକୁ ଥଣ୍ଡା କରିଥାଏ, ପାକଳ ହେବା ପରେ ଏହା ନଡିଆରେ ପରିଣତ ହୋଇଥାଏ । ନଡିଆ ଉପର ଭାଗ ଯେତେ କଠିନ ହୋଇଥିଲେ ହେଁ, ଏହାର ଭିତର ଖୁବ୍ ରସାଳ ତଥା ମିଠା ଓ ସ୍ୱାଦଯୁକ୍ତ । ତେବେ ନଡିଆକୁ ପୂଜା ପାର୍ବଣଠାରୁ ଆରମ୍ଭ କରି ବିବାହ ବ୍ରତ ତଥା ରୋଷେଇ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

ନଡିଆକୁ ପ୍ରତ୍ୟେକ ଶୁଭ କାର୍ଯ୍ୟ ତଥା ବିବାହ, ବ୍ରତ ଉତ୍ସବ ଆଦିରେ ସର୍ବପ୍ରଥମେ ବ୍ୟବହାର କରାଯାଇଥାଏ । ନଡିଆ ପତ୍ରରେ ଚଟେଇ ତଥା ସାପ ରୂପରେ ତିଆରି କରି ଗରିବମାନେ ବ୍ୟବହାର କରିଥାନ୍ତି । ଏହାର ଖଡିକାରେ ଝାଡୁ ତିଆରି କରି ଘର ସଫା କରିବା କାମରେ ବ୍ୟବହାର କରାଯାଇଥାଏ ।

ନଡିଆର ତେଲକୁ ମୁଣ୍ଡରେ ଲଗାଇଲେ କେଶ ଘନ କଳା ହୋଇଥାଏ ।

ଏଥି ସହିତ ନଡିଆକୁ କୋରି ଏହାର ତେଲକୁ ରାନ୍ଧି ରନ୍ଧା ନଡିଆ ତେଲକୁ ପୋଡ଼ା ଘା' କିମ୍ବା କଟା ଘା'ରେ ଲଗାଇଲେ ଯଥାଶୀଘ୍ର ଉପଶମ ମିଳିଥାଏ ।

ସର୍ବତରେ କିମ୍ବା ଲସିରେ ନଡିଆ କୋରାକୁ ଉପଯୋଗ କରାଯାଇଥାଏ ।

ନଡିଆ ଗଛର ଗଣ୍ଡି ଘର ତିଆରି କାର୍ଯ୍ୟରେ ଲାଗିଥାଏ ।

ନଡିଆ କତାରେ ପାପୋଛ, ଖେଳନା, ଦଉଡି ଆଦି ତିଆରି କରାଯାଇଥାଏ ।

ଏହାର ଷଢ଼େଇକୁ ଡଙ୍କି ତଥା କେନ୍ଦରା ଭାବେ ବ୍ୟବହାର କରାଯାଇଥାଏ ।

ରୋଷେଇରେ ମଧ ନଡିଆକୁ କୋରି ତରକାରିରେ ବ୍ୟବହାର କରାଯାଇଥାଏ । ଖୀରି, ପିଠା, ମଣ୍ଡା ତଥା ନଡିଆ କୋରାର ଉପଯୋଗ କରାଯିବା ସହିତ ଏହାକୁ ଚଟଣୀ



ରୂପରେ ବ୍ୟବହାର କରାଯାଇଥାଏ ।

ନଡିଆ ପାଣି ଶରୀର ପାଇଁ ଖୁବ୍ ହିତକାରକ । ଏଥିରେ ଖଣିଜ ଲବଣ ଭରପୁର ରହିଥାଏ । ନଡିଆ ପାଣି ପିଇଲେ ଆମ ଶରୀରକୁ ଶକ୍ତି ମିଳିଥାଏ । ଏହା ଆମ ଶରୀର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଫଳରେ ଶରୀରରେ କୌଣସି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏହା ଆମ ଶରୀରର ମୋଟାପଣକୁ ଦୂର କରିଥାଏ । କାମଳ ରୋଗ, ହାଡ଼ଫୁଟି ଆଦି ରୋଗ ପାଇଁ ପଇଡ଼ ପାଣି ରାମବାଣ ସଦୃଶ । ପଇଡର ପାଣି ରୋଗୀର ପେଟକୁ ଥଣ୍ଡା ରଖିଥାଏ ।

ନଡିଆ ପାଣି ପିଇଲେ ଗଳଗଣ୍ଡ ରୋଗରୁ ମୁକ୍ତି ମିଳିଥାଏ । ଆମ ଶରୀରରେ ବୃକକକୁ ସୁସ୍ଥ ରଖେ । ଏଥି ସହିତ ୟୁରିନ୍ ଇନ୍‌ଫେକସନ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କାକୁ ମଧ କମ୍ କରିଥାଏ ପଇଡ ପାଣି ।

ହାଡ଼ଫୁଟି କିମ୍ବା ଯଦି ଶରୀର ପୋଡ଼ା ଦାଗ ଥାଏ ତେବେ ତ୍ୱଚାରୁ ଏହି ଦାଗ ଲିଭାଇବା ପାଇଁ ପଇଡ ପାଣିକୁ ଲଗାଇବା ଫଳରେ ଶରୀରର ଦାଗ ଦୂର ହୋଇଥାଏ । ଏଥି ସହିତ ନଡିଆକୁ ବାଟି ପେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇଲେ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ।

## ଭିଟାମିନ୍ ଡି' ଅଭାବରେ ହୋଇପାରେ ହୃଦ୍‌ଘାତ

ହରମୋନରେ ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ୍ 'ଡି' । ଏହା ଶଣୀରରେ ଅସ୍ଥିତ ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ । ହେଲେ ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ପ୍ରଭାବିତ କରିଥାଏ ବୋଲି ଏକ ଗବେଷଣାରୁ ଜଣାପଡିଛି । 'ଭିଟାମିନ୍ 'ଡି' ଏବଂ ହୃଦ୍‌ଘାତ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ପକ୍ଷରୁ ଏକ ଗବେଷଣା କରାଯାଇଥିଲା । ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତିଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ କମିଲେ ରକ୍ତଚାପ ବଢ଼ିଯାଇଥାଏ । ଫଳରେ ବ୍ୟକ୍ତି ଜଣକ ହୃଦଘାତର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍ ଡି'ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଲମଣ୍ଡ, ଛତୁ ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦି ଖାଇବା ନିହାତି ଆବଶ୍ୟକ । ଆଉ ଯଦି ହୃଦ୍‌ଘାତର ଅଧିକ ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।



## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

## କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଭିଟାମିନ୍ 'ଇ'

ଭିଟାମିନ୍ 'ଇ'ରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ଏହି ଭିଟାମିନ୍ ଯୁକ୍ତ ଖାଦ୍ୟ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଆମକୁ ଅନେକ ପ୍ରକାର ଉପକାର ମିଳିଥାଏ । ଉକ୍ତ ଭିଟାମିନ୍‌ରେ ଏଭଳି ତତ୍ତ୍ୱ ରହିଛି ଯାହା କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ । ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ତାହା ଶରୀରକୁ ଆଲର୍ଜି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ । ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ ସାହାଯ୍ୟ କରେ । ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦି ଭିଟାମିନ୍ 'ଇ'ର ପ୍ରମୁଖ ଉତ୍ସ ।




## ସଂକ୍ରମଣରୁ ରକ୍ଷା କରେ ଅଙ୍ଗୁର

ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଭାଇରାଲ ସଂକ୍ରମଣରୁ କେତେକାଂଶରେ ରକ୍ଷା କରିଥାଏ । ଭିଟାମିନ୍-ସି'ର ଅନ୍ୟତମ ଉତ୍ସ ହେଲା ଅଙ୍ଗୁର । ଏହାକୁ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ମଧ ରହିଛି । ଏଥିରେ ପୋଟାସିୟମ୍ ମାତ୍ରା ଅଧିକ ରହିଛି । ତେଣୁ ଏହା ଶରୀରରେ ବ୍ଲଡ଼ ପ୍ରେସର୍‌ର ପରିମାଣକୁ ସନ୍ତୁଳିତ ରଖେ । ଏଥିରେ ଥିବା ଫାଇବର୍ ତତ୍ତ୍ୱ ମଧ ରହିଛି ଯାହା କୋଲେଷ୍ଟରଲ୍‌ର ମାତ୍ରାକୁ ବୃଦ୍ଧି ହେବାକୁ ଦେଇ ନ ଥାଏ । ଅଙ୍ଗୁରରେ ଭିଟାମିନ୍ 'କେ', କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ତତ୍ତ୍ୱ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ । କେତେକ ଲୋକଙ୍କୁ ରାତିରେ ଠିକ୍ ଭାବେ ନିଦ ହୋଇ ନ ଥାଏ । ସେଥିପାଇଁ ପ୍ରତିଦିନ କିଛି କିଛି ଅଙ୍ଗୁର ଖାଇପାରନ୍ତି ।



## ସୌନ୍ଦର୍ଯ୍ୟ ବଢ଼ାଇବ ଭୃର୍ସୁଙ୍ଗ ପତ୍ର

ସୁନ୍ଦର ଦେଖାଯିବା ପାଇଁ ଆମେ ଅନେକ ବ୍ୟୁଟି ପ୍ରଡକ୍ଟ ଆପଣାଇଥାଉ ଏବଂ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାଉ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପାୟରେ ମଧ ଆପଣ ଚମକଦାର ତ୍ୱଚା ପାଇପାରିବେ । ସୌନ୍ଦର୍ଯ୍ୟମୟ ତ୍ୱଚାର ଅଧିକାରୀ ହେବା ପାଇଁ ଭୃର୍ସୁଙ୍ଗ ପତ୍ର ରାମବାଣ ପରି କାର୍ଯ୍ୟ କରିଥାଏ । ଭୃର୍ସୁଙ୍ଗ ପତ୍ରକୁ ବାଟି ଏହି ବଟାକୁ ଚେହେରାରେ ଲଗାଇଲେ ମୁହଁରୁ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏହି ପତ୍ରର ପ୍ରୟୋଗ ଫଳରେ ଚେହେରା ଅଧିକ ଚମକଦାର ହୋଇଥାଏ । ଶରୀରରେ ଭୃର୍ସୁଙ୍ଗ ପତ୍ରର ପେଷ୍ଟ ମାଲିସ୍ କରିବା ଦ୍ୱାରା ଥକ୍କାପଣ ଦୂର ହୋଇଥାଏ ।

କେବଳ ଚେହେରା ନୁହଁ ଭୃର୍ସୁଙ୍ଗ ପତ୍ରର ଚୂର୍ଣ୍ଣକୁ ମୁଣ୍ଡରେ ତେଲ ମିଶାଇ ମାଲିସ୍ କଲେ ଚୁଟି ଉପୁଡିବା ସମସ୍ୟାରୁ ମଧ ଉପଶମ ମିଳିବା ସହ ଚୁଟି ସିଲ୍କ ହୋଇଥାଏ ।



## କହିପାରିବେ କି ?

(୧) ରିଜର୍ଭ ବ୍ୟାଙ୍କର ସମସ୍ତ ଗଭର୍ଣ୍ଣରଙ୍କ ମଧରୁ କେଉଁ ଗଭର୍ଣ୍ଣର କାଗଜ ମୁଦ୍ରାରେ ପ୍ରଥମେ ଦସ୍ତଖତ କଲେ ?
(୨) ରିଜର୍ଭ ବ୍ୟାଙ୍କ ଦ୍ୱାରା ହୋଇଥିବା କାଗଜ ମୁଦ୍ରା ପ୍ରଥମେ କେଉଁ ମସିହାରେ ଜାରି ହୋଇଥିଲା ?
(୩) ସର୍ବନିମ୍ନ କେତେ ମୂଲ୍ୟର କାଗଜ ମୁଦ୍ରା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇ ଆସୁଥିଲା ?
(୪) ଭାରତୀୟ ମୁଦ୍ରା ୧ ଟଙ୍କା ୧୦୦ ପଇସା ସହିତ ସମାନ ଏହାକେଉଁ ମସିହାରେ ପ୍ରବର୍ତ୍ତନ ହେଲା ?
(୫) ୧୯୫୭ ମସିହା ପୂର୍ବରୁ ୧ ଟଙ୍କା କେତେ ପଇସା ସହିତ ସମାନ ଥିଲା ?
(୬) ଭାରତରେ କେତେ ପ୍ରତିଶତ ଜମି ଜଳସେଚିତ ହୋଇଛି ?
(୭) ପୃଥିବୀର କେତେ ପ୍ରତିଶତ ଅଞ୍ଚଳ ଭାରତ ଅଧିକାର କରିଛି ?
(୮) ଭାରତର କେଉଁ ରାଜ୍ୟରେ ସର୍ବାଧିକ କେଶର ଉତ୍ପାଦିତ ହୁଏ ?
(୯) ଭାରତରେ ସବୁଠାରୁ ପୁରୁଣା ଅଏଲ୍ ରିଫାଇନାରୀ କେଉଁଠାରେ ଅବସ୍ଥିତ ?
(୧୦) ଭାରତର ସବୁଠାରୁ ପୁରାତନ ପର୍ବତମାଳାର ନାମ କ'ଣ ?

**JUMBLE WORDS**

| | | | |
|---|---|---|---|
| 1) SLUAWR | = | 6) RHUFTO | = |
| 2) PLAGOL | = | 7) EHTTE | = |
| 3) VRORE | = | 8) WNHOS | = |
| 4) TWHAC | = | 9) RJNUIE | = |
| 5) VOCNIE | = | 10) RUTMET | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.କର୍ମବୀର ଗୌରୀ ଶଙ୍କର ରାଏ, ୨. ୧୮୯୬ ମସିହାରେ, ୩.ବ୍ରିଟିଶ୍, ୪.କଟକ ପ୍ରିଣ୍ଟିଂପ୍ରେସ୍, ୫.୧୯୨୯ ମସିହାରେ, ୬.ବାବୁ ବିବାହ, ୭.ଷ୍ଟୋମ୍ବଲ୍ ଆଗ୍ନେୟଗିରି, ୮.୧୯୪୭ ଋଷୀୟ ବ୍ୟକ୍ତି ମିଖାଇଲ୍ କାଲାସ୍ନିକର୍, ୯.୧୯୩୫ ମସିହାରେ, ୧୦.ସାର ଓ ସ୍ମିଥ୍ ।

***Jumble Words*** ର ଉତ୍ତର :-

(1) JETTY (2) OOMPH (3) BRONCO (4) AVENUE (5) ALLOW (6) RUGBY (7) STINKY (8) EXHALE (9) DOLLY (10) EMCEE

# ସମ୍ବଲପୁର ମହିଳା କଲେଜ ଓ ଏନ୍.ଏସ୍.ସି.ବି କଲେଜରେ ସିଟ୍ ବୃଦ୍ଧି

ସମ୍ବଲପୁର : ସମ୍ବଲପୁରର ଦୁଇ ପ୍ରମୁଖ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ସରକାରୀ ମହିଳା ମହାବିଦ୍ୟାଳୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ବିଭିନ୍ନ ନୂଆ ବିଷୟ ଖୋଲିବା ଓ ସିଟ୍ ବୃଦ୍ଧି କରିବାକୁ ସରକାର ମଞ୍ଜୁରୀ ଦେଇଛନ୍ତି । ଏହି ଦୁଇ ମହାବିଦ୍ୟାଳୟର କଳେବର ବୃଦ୍ଧି ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା । ନିକଟରେ ସ୍ଥାନୀୟ ନେତା ଙ୍କ ରୋହିତ ପୂଜାରୀ ମନ୍ତ୍ରୀ ହେବା ପରେ ଏହି ଦାବି ଜୋର ଧରିଥିଲା । ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପରେ ସରକାର ଉଭୟ ମହାବିଦ୍ୟାଳୟ ଉଚ୍ଚ ଶିକ୍ଷା ପକ୍ଷରୁ ଦିଆ ଯାଇଥିବା ପ୍ରସ୍ତାବକୁ ଗ୍ରହଣ କରିବା ସହ ଆବଶ୍ୟକତା ଅନୁଯାୟୀ ସିଟ୍ ବୃଦ୍ଧି, ନୂଆ ବିଭାଗ ଖୋଲିବା ଆଦିକୁ ମଞ୍ଜୁରୀ ଦେଇଛନ୍ତି । ଏହି କ୍ରମରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ଏନ୍.ଏସ୍.ସି.ବି କଲେଜ୍‌କୁ ବଡ଼ ଉପହାର ମିଳିଛି । ଏହି ମହାବିଦ୍ୟାଳୟରେ +୩ ବିଜ୍ଞାନ ଓ ୩ଟି ବିଷୟରେ ସ୍ନାତକୋତ୍ତର ବିଭାଗ (ପିଜି) ଖୋଲିବାକୁ ସରକାର ମଞ୍ଜୁରୀ ଦେଇଛନ୍ତି । ସେହିପରି +୨ ଓ +୩ ବାଣିଜ୍ୟ ଓ କଳା ସିଟ୍ ସଂଖ୍ୟା ଦୁଇଗୁଣା ବା ଅଧିକ ବୃଦ୍ଧି କରିଛନ୍ତି । ଏନ୍.ଏସ୍.ସି.ବି କଲେଜ୍‌ରେ ୧୬୦ଟି ସିଟ୍ ସହ +୩ ବିଜ୍ଞାନ ଖୋଲିବ । ପଦାର୍ଥବିଜ୍ଞାନ, ରସାୟନବିଜ୍ଞାନ, ଉଭିଦବିଜ୍ଞାନ, ପ୍ରାଣୀବିଜ୍ଞାନ ଓ ଗଣିତ ଆଦି ୫ଟି ପ୍ରମୁଖ ବିଷୟରେ ୩୨ଟି ଲେଖାଏଁ ସିଟ୍ ଖୋଲିବ । +୩ ବାଣିଜ୍ୟ ସିଟ୍ ୬୪ ଥିବାବେଳେ ତାହା ୧୨୮କୁ ବୃଦ୍ଧି ପାଇବ । କଳାରେ ପୂର୍ବରୁ ୧୨୮ ସିଟ୍ ଥିଲାବେଳେ ତାହା ୩୨୦କୁ ବୃଦ୍ଧି କରାଯାଇଛି । ଅର୍ଥନୀତି ଇଂରାଜୀରେ ପୂର୍ବରୁ ୧୬ଟି ଲେଖାଏଁ ସିଟ୍ ଥିଲାବେଳେ ତାହା ଦୁଇଗୁଣା କରି ୩୨ ଲେଖାଏଁ କରାଯାଇଛି । ୩୨ଟି ଲେଖାଏଁ ସିଟ୍ ସହ +୩ କଳାରେ ହିନ୍ଦୀ, ଗୃହବିଜ୍ଞାନ, ପାଠାଗାର ବିଜ୍ଞାନ, ସଂସ୍କୃତ, ସୋସିଓଲଜି ଆଦି ୫ଟି ନୂଆ ବିଷୟ ଖୋଲିଛି । ସେହିପରି ଓଡ଼ିଆ, ଇତିହାସ ଓ ବାଣିଜ୍ୟ ଆଦି ୩ଟି ବିଭାଗରେ ୧୬ଟି ଲେଖାଏଁ ସିଟ୍ ସହ ପ୍ରଥମ କରି ସ୍ନାତକୋତ୍ତର ବିଭାଗ ଖୋଲିଛି । ସେହିପରି ମହିଳା ମହାବିଦ୍ୟାଳୟରେ ମଧ ସମସ୍ତ ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବା ସହ ସମସ୍ତ +୩ ବିଷୟରେ ସିଟ୍ ବୃଦ୍ଧି କରାଯାଇଛି । ନୂଆ +୩ ବାଣିଜ୍ୟ ବିଭାଗ ଖୋଲିବାକୁ ଅନୁମତି ମିଳିଛି । ଏହି କ୍ରମରେ କଳାରେ ନୃତତ୍ତ୍ୱ, ଇଂରାଜୀ, ଗୃହବିଜ୍ଞାନ, ରାଜନୀତି ବିଜ୍ଞାନ, ଭୂଗୋଳ, ଓଡ଼ିଆ, ଇତିହାସ, ଦର୍ଶନଶାସ୍ତ୍ର, ବିଜ୍ଞାନ, ମନସ୍ତତ୍ତ୍ୱବିଜ୍ଞାନ, ସଂସ୍କୃତ, ଶିକ୍ଷା, ହିନ୍ଦୀ, ପଦାର୍ଥବିଜ୍ଞାନ, ରସାୟନବିଜ୍ଞାନ, ଉଭିଦବିଜ୍ଞାନ, ପ୍ରାଣୀବିଜ୍ଞାନ ଓ ଗଣିତରେ ପ୍ରତ୍ୟେକ ୩୨ଟି ଲେଖାଏଁ ସିଟ୍ ସହ ମୋଟ ୫୭୬ ପିଜି ସିଟ୍ ଖୋଲିବାକୁ ଅନୁମତି ମିଳିଛି । +୩ କଳା ଓ ବିଜ୍ଞାନର ଉପରୋକ୍ତ ସମସ୍ତ ୧୮ଟି ଯାକ ବିଷୟରେ ମଧ ସିଟ୍ ସଂଖ୍ୟା ୩୨ ଲେଖାଏଁ ଅର୍ଥାତ୍ ମୋଟ ୫୭୬କୁ ବଢ଼ାଇବାକୁ ମଞ୍ଜୁରୀ ମିଳିଛି । ପୂର୍ବରୁ କେବଳ ପାସ୍ ବିଷୟ ଥିବା ଶିକ୍ଷା ଓ ହିନ୍ଦୀରେ ସମ୍ମାନ ବିଷୟ ସହ ସିଟ୍ ବୃଦ୍ଧି ଅନୁମତି ମିଳିଛି । ପୂର୍ବରୁ +୩ର ଏହି ସମସ୍ତ ବିଷୟରେ ଖୁବ୍ କମ ସଂଖ୍ୟାରେ ସିଟ୍ ଥିଲା । କଳାର ସମସ୍ତ ବିଷୟ ମିଶାଇ ୧୨୮ ଓ ବିଜ୍ଞାନର ସମସ୍ତ ବିଷୟ ମିଶାଇ ୬୪ ସିଟ୍ ରହିଥିଲା ।

## ନରେନ୍ଦ୍ର ମିଶ୍ର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଉପସଭାପତି ନିର୍ବାଚିତ

ଭୁବନେଶ୍ୱର : ପୂର୍ବତନ ରାଷ୍ଟ୍ରଦୂତ ଶ୍ରୀ ଅବସର ବେହୁରା ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଭାବରେ ନିର୍ବାଚିତ ହୋଇ ଥିବା ବେଳେ ଏସ୍.ବି.ଏସ୍.ଆଇ. ର ଟ୍ରଷ୍ଟୀ ଶ୍ରୀ ସୌରେନ୍ଦ୍ର ମହାପାତ୍ର ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏବଂ ଆନ୍ତର୍ଜାତିକ ରୋଟାରୀ ସଂସ୍ଥାର ପ୍ରାକ୍ତନ ଗଭର୍ଣ୍ଣର ନରେନ୍ଦ୍ର କୁମାର ମିଶ୍ର ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

୧୯୫୭ ମସିହାରେ ଓଡ଼ିଶା ରାଜଧାନୀ ଭୁବନେଶ୍ୱର ଠାରେ ଏହି ଅନୁଷ୍ଠାନର ରାଜ୍ୟ ଶାଖା ଭାବରେ କଳିଙ୍ଗ ବୁଦ୍ଧ ବିହାର ନାମରେ ପ୍ରତିଷ୍ଠିତ ହୋଇଥିଲା । ବର୍ମା ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ୟୁନୁ ଏହି ପରିସରରେ ସିଂହଳର ଅନୁଧାପୁରରୁ ଆଣିଥିବା ଏକ ପବିତ୍ର ବୋଧିବୃକ୍ଷ ରୋପଣ କରିଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଏହାର ସଭାପତି ଭାବରେ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଭୁବନେଶ୍ୱରର ଏହି ପବିତ୍ର ବୌଦ୍ଧ ସ୍ଥଳ ଏକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରସିଦ୍ଧ ଲାଭ କରିଛି ।

ଏହି ବୌଦ୍ଧ ସଂଗଠନ ୧୯୯୧ ମସିହାରେ ଅନାଗରିକ ଧର୍ମପାଳଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବର୍ତ୍ତମାନ ଏହାର ଶାଖାମାନ ପୃଥିବୀର ବିଭିନ୍ନ ଦେଶରେ ସ୍ଥାପିତ ହୋଇଅଛି । ଧର୍ମପାଳ ୧୮୯୩ ମସିହାରେ ସ୍ୱାମୀ ବିବେକାନନ୍ଦଙ୍କ ସହିତ ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତରୁ ବୌଦ୍ଧ ଧର୍ମର ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ପରାମର୍ଶକ୍ରମେ ଅନାଗରିକ ଧର୍ମପାଳ କଲିକତା ଠାରେ ଏହାର ମୁଖ୍ୟାଳୟ ସ୍ଥାପନ କରିଥିଲେ । କଲିକତା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏବଂ କଲିକତା ବିଶ୍ୱବିଦ୍ୟାଳୟର ତିନିଥର କୁଳପତି ଥିବା ସାର ଅଶୁତୋଷ ମୁଖର୍ଜୀ ଏହି ସଂସ୍ଥାର ପ୍ରଥମ ସଭାପତି ନିଯୁକ୍ତି ହୋଇଥିଲେ ।

## ଓଡ଼ିଶା ସାଂସ୍କୃତିକ ସମାଜର ପ୍ରତିଷ୍ଠା ଦିବସ




ସମ୍ବଲପୁର : ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସାଂସ୍କୃତିକ ସମାଜର ୫୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ଉପସମିତିର ଆବାହକ ଡକ୍ଟର ଗୌରିଦାସ ପ୍ରଧାନ, ଅଖିଳ ପଟ୍ଟନାୟକ, ଦୀଲିପ କୁମାର ବଘାର ସମିତିର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଆଗାମୀ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇଥିଲେ । କୋଷାଧକ୍ଷ ଦୀନବନ୍ଧୁ ପଣ୍ଡା ଆୟବ୍ୟୟର ସୂଚନା ପ୍ରଦାନ କରିଥିଲେ । ଶେଷରେ ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଶିବନାରାୟଣ ପାଣିଗ୍ରାହୀ, ସହସମ୍ପାଦକ ସବ୍ୟସାଚୀ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ଲୋକନାଥ ପାଣ୍ଡେ ଉପସ୍ଥିତ ଥିଲେ । ଏହି ଅବସରରେ ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ଡକ୍ଟର ଶ୍ୟାମ ସୁନ୍ଦର ଧର, ଡକ୍ଟର ପରେଶ ଦାନୀ, ଅଶୋକ ପ୍ରଧାନ, ରାମାନୁଜ ପଣ୍ଡା, ସରୋଜ ଦାଶ, ସଞ୍ଜୀବ ମିଶ୍ର, ବେଣୁଧର ପଣ୍ଡା ପ୍ରମୁଖ ଅନୁଷ୍ଠାନକୁ ଆହୁରି କ୍ରିୟାଶୀଳ କରିବାକୁ ମତ ଦେଇଥିଲେ ।

## ଆଗକୁ ଅସହ୍ୟ ହେବ ଗ୍ରୀଷ୍ମ ପ୍ରବାହ

ଲଣ୍ଡନ : ଆଗକୁ ବିଶ୍ୱରେ ଗ୍ରୀଷ୍ମ ପ୍ରବାହର ମାତ୍ରା ବଢ଼ିବା ଫଳରେ ତାପମାତ୍ରା ମଧ ବୃଦ୍ଧି ପାଇବ । ଲୋକେ ଧରାପୃଷ୍ଠରେ ବାସ କରିବା ଏକପ୍ରକାର କଷ୍ଟକର ହୋଇପଡ଼ିବ ବୋଲି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ରିପୋର୍ଟରୁ ଜାଣିବାକୁ ମିଳିଛି । ଆଫ୍ରିକାର ସହେଲ, ଏସିଆର ଦକ୍ଷିଣାଞ୍ଚଳ ଏବଂ ଦକ୍ଷିଣ-ପଶ୍ଚିମାଞ୍ଚଳ ଓ ୟୁନାଇଟେଡ୍ ନେଶନ୍‌ରେ ଆଗକୁ ଅସହ୍ୟ ତାତି ଅନୁଭୂତ ହେବ, ଯାହା ରେଡ୍‌କ୍ରସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଚଳିତବର୍ଷ ସୋମାଲିଆ ଏବଂ ପାକିସ୍ଥାନରେ ତାପମାତ୍ରା ସର୍ବାଧିକ ରହିଥିବା ବେଳେ ଏହା ଆଗାମୀ ଗରମର ଦିନରେ ହେବାକୁ ଥିବା ଅସହ୍ୟ ଆଭାସ ବୋଲି କୁହାଯାଇ ପାରିବ । ତେବେ ବିଶ୍ୱରେ ଅନୁଭୂତ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ରୋକିବା ଲାଗି ତୁରନ୍ତ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରୀ । କାରଣ ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ସକାଶେ ଧରାରେ ବସବାସ କରିବା ଲୋକଙ୍କ ପକ୍ଷେ ବହୁ କଷ୍ଟକର ହୋଇ ପଡ଼ିବ । କ୍ୟାନ୍ସର ଓ ଅନ୍ୟ ଇନ୍‌ଫେକ୍ସନରେ ଲୋକଙ୍କର ହେଉଥିବା ମୃତ୍ୟୁ ତୁଳନାରେ ଅସହ୍ୟ ଗରମ ପାଇଁ ଅଧିକମାତ୍ରାରେ ଲୋକଙ୍କ ପ୍ରାଣ ଚାଲିଯିବାର ଆଶଙ୍କା ରହିଛି । ନବଜାତ ଶିଶୁ, ଗର୍ଭବତୀଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧିକୁ ଏଡ଼ାଇ ଦିଆଯାଇ ନ ପାରେ । ଫସଲ କାମ ଅସହଜ ହେବା କାରଣରୁ ବିଶ୍ୱରେ ଖାଦ୍ୟ ସଙ୍କଟ ଭଳି ପରିସ୍ଥିତି ଉପୁଜିବ ।

### ଏସଡିଏ ଅଧକ୍ଷ ପଦ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସେମାନଙ୍କୁ ତ ଅଣଦେଖା କରାଗଲା । ତେବେ, ଏସଡିଏ ଅଧକ୍ଷ ପଦରେ ବି କାହାରିକୁ ନିଯୁକ୍ତି ଦିଆଗଲା ନାହିଁ । ଏପଟେ ଏସ୍‌ଡିଏ ଅଧକ୍ଷ ପଦ ଦୌଡ଼ରେ ଅନେକ ନେତା ଓ ଅବସରପ୍ରାପ୍ତ ଅଫିସର ରହିଛନ୍ତି । ଏସ୍‌ଡିଏରେ ଏବେ କେହି ମୁରବି ନ ଥିବାରୁ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇଛି । ଏସ୍‌ଡିଏ ସଚିବ ଥିବା ପ୍ରଭାସ ଡନସେନା ଏବେ ସଦର ଉପଜିଲ୍ଲାପାଳ ଦାୟିତ୍ୱ ତୁଲାଉଛନ୍ତି । ତେଣୁ, ସେ ବି ଏସ୍‌ଡିଏ ପାଇଁ ପୂରା ସମୟ ଦେଇପାରୁନାହାନ୍ତି । ଏଭଳି ସ୍ଥିତିରେ ବିଭିନ୍ନ ପ୍ରକଳ୍ପ କାମ ଅଟକି ରହିଛି ।

# ଅବହେଳାର ଶିକାର ସମ୍ବଲପୁର ବ୍ୟାଡ଼ମିଣ୍ଟନ କୋର୍ଟ



ସମ୍ବଲପୁର: ଗତ ପ୍ରାୟ ୬ ବର୍ଷ ତଳେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ବ୍ୟାଡମିଣ୍ଟନ କୋର୍ଟ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ତିନି ବର୍ଷ ପୂର୍ବେ ଅତ୍ୟାଧୁନିକ ଅଲୋକାକରଣ ସହ ନୂତନ କୋର୍ଟ ସହିତ ଏହି ବ୍ୟାଡ଼ମିଣ୍ଟନ କ୍ରୀଡ଼ାଙ୍ଗନର ପୁନରୁଦ୍ଧାର କରାଯାଇଥିଲା । ହେଲେ ଆଜିର ଦିନରେ ଉକ୍ତ ବ୍ୟାଡ଼ମିଣ୍ଟନ କୋର୍ଟ ଗୁଡ଼ିକ ଉଇ ଖାଇଗଲାଣି । ଏଠାରେ ଲାଗିଥିବା ଅତ୍ୟାଧୁନିକ ଏଲଇଡି ଲାଇଟ୍ ମଧ୍ୟରୁ ଅଧାରୁ ଅଧିକ ଜଳୁ ନ ଥିବା ବେଳେ ଏଠାରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଏଠାରେ ଖଞ୍ଜା ଯାଇଥିବା କିର୍ଲୋସ୍କର କମ୍ପାନୀର ଜେନେରେଟର ସେଟ୍‌ଟି ମଧ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡିଛି ।

ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ଏକ ବ୍ୟାୟାମଶାଳାକୁ ନବ ନିର୍ମିତ ଗୃହକୁ ସ୍ଥାନାନ୍ତରିତ କରାଯାଇ ସେଠାରେ ବ୍ୟାଡମିଣ୍ଟନ କୋର୍ଟ ନିର୍ମାଣ କରାଯାଇଥିଲା । ଏଥିପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ମିଳିଥିବା ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ଭିତ୍ତିଭୂମି ଅଧିକ ସୁଦୃଢ଼ କରାଯାଇ ବ୍ୟାଡମିଣ୍ଟନ କ୍ରୀଡ଼ାଙ୍ଗନ ଭାବେ ବିକାଶ କରାଯାଇଥିଲା । ପ୍ରଥମେ ଏଠାରେ ଗୋଟିଏ କାଠ ତିଆରି (ଉଡେନ) ଓ ଦୁଇଟି ସିନଥେଟିକ ବ୍ୟାଡମିଣ୍ଟନ କୋର୍ଟ ନିର୍ମାଣ କରାଯାଇଥିଲା । ପରବର୍ତ୍ତୀ କାଳରେ ଏମ୍‌ସିଏଲ ପାଣ୍ଠିରେ ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଅଲୋକୀକରଣ ଓ ଖେଳ ଉପକରଣ ବ୍ୟବସ୍ଥା ହୋଇଥିଲା । ପ୍ରକାଶ ଥାଉ କି, ପାରାଅଲମ୍ପିଅନ ତଥା ପଦ୍ମଶ୍ରୀ ପ୍ରମୋଦ ଭଗତ ଭଳି ଖେଳାଳି ମଧ ଏଠାରେ ନିଜର ଖେଳ ଜାହିର ରଖିଥିଲେ । ଜିଲ୍ଲାପାଳ ଓ ଏସପିଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଉଚ୍ଚ ପଦାଧିକାରୀ ଏଠାକୁ ବ୍ୟାଡମିଣ୍ଟନ ଖେଳିବାକୁ ଆସୁଥିଲେ । ବ୍ୟାଡମିଣ୍ଟନ ପ୍ରତି ରୁଚି ରଖୁଥିବା ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ପୁରୁଷ ଓ ମହିଳା ଖେଳାଳି ଏଠାରେ ନିୟମିତ ଅଭ୍ୟାସ କରୁଥିଲେ । ମାତ୍ର ମହାମାରୀ କରୋନା ପରିବର୍ତ୍ତୀ କାଳରୁ ଏଠାରେ ଖେଳାଳିଙ୍କ ସମାଗମରେ ଅଙ୍କୁଶ ଲାଗିଥିଲା । ଏପରିକି ଏହି କ୍ରୀଡ଼ାଙ୍ଗନରେ ଏକ ପ୍ରକାର ତାଲା ପଡ଼ିଯାଇଥିଲା ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ରକ୍ ଆର୍ଟ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ସମ୍ମିଳନୀ




ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ତଥା ଇଣ୍ଡିଏନ୍ କାଉନସିଲ୍ ଅଫ୍ ହିଷ୍ଟୋରିକାଲ ରିସର୍ଚ୍ଚର ମିଳିତ ସହଯୋଗରେ ଏବଂ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦର ବିତ୍ତିୟ ସହାୟତାରେ ତିନିଦିନିଆ ସମ୍ମିଳନୀ ଭାରତ ସରକାରଙ୍କ ପ୍ରବନ୍ଧନ ପ୍ରମୁଖ ସଚିବ ଡକ୍ଟର କଲ୍ୟାଣ କୁମାର ଚକବର୍ତ୍ତୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ-ବିଦ୍ୟାଳୟର ଏହି ଅଭିଯାନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଶ୍ଚିମ ଓଡ଼ିଶାରେ ଶିଳାଚିତ୍ର ଗୁଡିକର ସଂରକ୍ଷଣ ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ଓ ଏଥିପାଇଁ ସେ ନିଜେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଜିଲ୍ଲାପାଳ ଅନନ୍ୟା ଦାସ, ଡକ୍ଟର ଏ.ବି ଓଟା ଏବଂ ସଚିବ ପ୍ରଫେସର ଗିରିରାଜ କୁମାର, ପ୍ରଫେସର ସଦାଶିବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଏମ୍‌ୟୁର ଇତିହାସ ବିଭାଗର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏଇ ଅବସରରେ ଭାରତୀୟ ଶୈଳଚିତ୍ର ଉପରେ ଗବେଷଣା କରୁଥିବା ଅଷ୍ଟ୍ରିଆର ଦୁଇଜଣ ବରିଷ୍ଠ ଶିକ୍ଷାବିତ୍ ଇରୁୱିନ୍ ନ୍ୟୁମାୟାର ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ । ଇତିହାସ ବିଭାଗ କେବଳ ଇତିହାସ ପୁସ୍ତକ ମଧ୍ୟରେ ସୀମିତ ନରହି କିଭଳି ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ସର୍ବେକ୍ଷଣ କରି ନୂତନ ଇତିହାସ ବାବଦରେ ତଥ୍ୟ ସଂଗ୍ରହ କରୁଛି ଏନେଇ ଇତିହାସ ବିଭାଗ ମୁଖ୍ୟ ଡକ୍ଟର ଅତୁଲ କୁମାର ପ୍ରଧାନ ମତବ୍ୟକ୍ତ କରିଥିଲେ । ଶେଷରେ କୁଳସଚିବ ଯୁଗଳେଶ୍ୱରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଉପ କୁଳସଚିବ ଡକ୍ଟର ଉମାଚରଣ ପତି, ଇତିହାସ ବିଭାଗର ଡକ୍ଟର ସସ୍ମିତାରାଣୀ ଶାସିନୀ, ଡକ୍ଟର ସନ୍ତୋଷ କୁମାର ମଲ୍ଲିକ ଏବଂ ଡକ୍ଟର ପରମତପ ପ୍ରଧାନ ସଂଚାଳନ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।

# ଡକ୍ଟର ପ୍ରଭାସ ସିଂଙ୍କ ପିତୃ ବିୟୋଗ

ବରଗଡ଼ : ବରପାଲି ବ୍ଲକ ଭଟିଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ପୂର୍ବତନ ଲୋକସଭା ସାଂସଦ ପ୍ରଭାସ ସିଂଙ୍କ ପିତା ସାଧୁ ସିଂଙ୍କ ୮୯ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଥିଲା । ପରେ ପରିବାର ଲୋକେ ବନ୍ଧୁବାନ୍ଧବ ଓ ପରିବାର ଜନଙ୍କ ଉପସ୍ଥିତିରେ ବରପାଲିର ରାଞ୍ଜନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ବଡ଼ପୁଅ ବିଶିଷ୍ଟ ଭାଗବତ ପ୍ରବକ୍ତା ଦୀପ୍ତି କୁମାର ସିଂ ମୁଖାଗ୍ନି ଦେଇଥିବା ବେଳେ ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ, ପୂର୍ବତନ ଓକିଲସଂଘ ସଭାପତି ପ୍ରମୋଦ ସିଂ, ଅଧ୍ୟାପକ ସୁଶାନ୍ତ କୁମାର ସିଂ, ଗୋଲକ କୁମାର ସିଂ, ପ୍ରଣବ କୁମାର ସିଂଙ୍କ ସମେତ ଆତ୍ମୀୟ ବନ୍ଧୁ ବର୍ଗ ଓ ପରିଜନ ମାନେ ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ । ସ୍ୱର୍ଗତ ସାଧୁ ପୂର୍ବରୁ ଭଟିଗାଁ ସରପଞ୍ଚ ରହିଥିଲେ । ଭଟିଗାଁ ପଞ୍ଚାୟତରେ ଚିକିତ୍ସାଳୟ ହାଇସ୍କୁଲ, ସମବାୟ ସମିତି, ଗ୍ରାମସେବକ କେନ୍ଦ୍ର, ପଶୁ ଚିକିତ୍ସାକେନ୍ଦ୍ର, ମହିଳା ସମିତି ଗଠନରେ ତାଙ୍କର ବଳିଷ୍ଠ ଭୂମିକା ରହିଥିଲା । ବରପାଲି ହାଇସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ଜଣେ ଆଦର୍ଶ ଛାତ୍ର ଭାବରେ କୃତିତ୍ୱ ଅର୍ଜନ କରିବା ସହିତ ବହୁ ସମ୍ମାନର ଅଧିକାରୀ ହୋଇ ପାରିଥିଲେ । ସେହିପରି ତାଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିବା ଭଟିଗାଁ ହାଇସ୍କୁଲ ପାଇଁ ସେ ଭୂମିଦାନ କରି ସମାଜସେବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।



# ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା






ଝାରସୁଗୁଡ଼ା: ବିଜୁ ଜନତା ଦଳ ପକ୍ଷରୁ ବ୍ରଜରାଜନଗର ବିଧାୟିକା ଶ୍ରୀମତୀ ଅଳକା ମହାନ୍ତିଙ୍କ ନେତୃତ୍ୱରେ ବ୍ରଜରାଜନଗର ପୌର ପରିଷଦର ୱାର୍ଡ ସଂଖ୍ୟା ୧,୨୧,୨,୩ ରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୨୫ ଜଣରୁ ଉର୍ଦ୍ଧ୍ୱ ମହିଳା ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୌର ଅଧକ୍ଷା ଯାଙ୍କସିନି ଓରାମ, ପୂର୍ବତନ ନଗରପାଳ ବିଜୟ ପାଣି, ରାଜ୍ୟ ମହିଳା ଉପସଭାପତି ସାଧନା ସାମନ୍ତରାୟ, ଶ୍ରମିକ ନେତା ଭାନୁ ସିଂ, ଶ୍ରମିକ ନେତା ପ୍ରସନ୍ନ ଚୌଧୁରୀ, ମହିଳା ସଭାପତି ନଳିନୀ ପ୍ରଧାନ, ପ୍ରଭାତୀ ଗଡନାୟକ, ଭଞ୍ଜ ରାଉତ, ମହେଶ ମୁଲି, ପ୍ରତିମା ବାଗ, ପ୍ରତିମା ମାକଡ, ଜ୍ୟୋସ୍ନା ସାହୁ, ଚିନ୍ତାମଣି ଦାସ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ନୃପ ତାଣ୍ଡିଆ, ଗଣେଶ ବାଗ ତଥା ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃ ମଣ୍ଡଳୀ, ଜିଲ୍ଲାସ୍ତରୀୟ କର୍ମକର୍ତ୍ତା, ଟାଉନ ସ୍ଥରୀୟ ନେତୃମଣ୍ଡଳୀ, ଛାତ୍ର, ମହିଳା, ଜନତା ଦଳର ସମସ୍ତ ଜିଲ୍ଲା ସ୍ତରୀୟ, କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ସେହିପରି ଦଳ ପକ୍ଷରୁ ଲଖନପୁର ବ୍ଲକର ବନ୍ଧବାହାଲ, ସରଣ୍ଡାମାଲ, ତେଲେନପାଲି, ରେମେଣ୍ଡା, କୁଷ୍ରାଲୋଇ ଗ୍ରାମପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଁ ସମଲେଇ ମନ୍ଦିର ବନ୍ଧବାହାଲ ଠାରୁ ପଦଯାତ୍ରା ଆରମ୍ଭ ହୋଇ ମୁଖ୍ୟ ରାସ୍ତା ଦେଇ ଗଣେଶନଗର ସ୍କୁଲ ପଡିଆ ଠାରେ ପହଞ୍ଚିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା । ବ୍ରଜରାଜନଗର ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ରାଜ୍ୟ ମହିଳା ସମ୍ପାଦକ ସୁଜାତା ଦିଗଲ,ଜିଲ୍ଲା ବିଜେଡି ଉପସଭାପତି କୁଳମଣି ଦାସ, ଜିଲ୍ଲା ବିଜେଡି ଉପସଭାପତି ସଂଜିତ ପଧାନ, ଜିଲ୍ଲା ବିଜେଡି ସମ୍ପାଦକ ପ୍ରମୋଦ ଗଡତିଆ, ଜିଲ୍ଲା ପରିଷଦ (୩) ସଦସ୍ୟା ପୁଷ୍ପଲତା ସେଟ, ଖିରୋଦ ପଧାନ, ସାଲେକରାମ ନାଏକ,ପ୍ରଦୀପ ସେନାପତି, ଅଖିଳ ସ୍ୱାଇଁ, ସୁବାଷ ରାୟ, ନରୋତ୍ତମ ବାଗ, ପ୍ରସନ୍ନ ସିଂ, ବିଜୟ ଭୋଇ, ରିଙ୍କୁ ଦୁବେ, ସାଗର ପଧାନ, ସାଗର ବଢ଼େଇ, ଶଙ୍କର ଖମାରୀ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟା ତଥା ଅନ୍ୟାନ୍ୟ ନେତୃମଣ୍ଡଳୀ, ନିର୍ବାଚିତ ଜନ ପ୍ରତିନିଧି ଓ ଶତାଧିକ ମହିଳା ଓ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ ।

# ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପାଇଁ ସଚେତନତା

ବୁର୍ଲା : ସ୍ୱଚ୍ଛତା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମଣ୍ଡଳର ଅଧକ୍ଷା ପଦ୍ମଜା ସିଂହ, ଦୁଇଜଣ ଉପାଧକ୍ଷା ସରୀତା ପଟେଲ ଏବଂ ରଶ୍ମି ବେହୁରା ରେଗୁଲେଟରୀ




ପଡ଼ାର ଲୋକଙ୍କୁ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର କଳସ, ଢ଼ାଙ୍କୁଣି ଓ ପାଣି ବାହାର କରିବା ପାଇଁ ପାତ୍ର ପ୍ରଦାନ କରିଛନ୍ତି । ଏହାର ପ୍ରୟୋଗ ମାଧ୍ୟମରେ ଲୋକେ ସ୍ୱଚ୍ଛ ପାଣି ସଂଗ୍ରହ ଓ ବ୍ୟବହାର କରିପାରିବେ । ଏହି ଅବସରରେ ମଣ୍ଡଳର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ସଦର ଡାକ୍ତରଖାନା ପରିଦର୍ଶନ

ସମ୍ବଲପୁର: ଜିଲ୍ଲାପାଳ ଅନନ୍ୟା ଦାସ ଓ ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର ମିଳିତ ଭାବେ ସମ୍ବଲପୁର ଜିଲ୍ଲା ମୁଖ୍ୟ ସମ୍ବଲପୁର ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି । ଡାକ୍ତରଖାନାର ପଞ୍ଜୀକରଣ କାଉଣ୍ଟର୍ ଠାରୁ ଆରମ୍ଭ କରି



ଉଭୟେ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ । ରୋଗୀଙ୍କୁ ଠିକ୍ ଭାବେ ସେବା ମିଳୁଛି କି ନାହିଁ ତାହା ସେମାନଙ୍କୁ ପଚାରି ବୁଝିବା ସହ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ ।

ସଦର ଡାକ୍ତରଖାନାରେ ଥିବା ବିଭିନ୍ନ ସୁବିଧା ସୁଯୋଗ ତଥା ବିଏସ୍କେୱାରେ କାମ କେମିତି ଚାଲିଛି ସେ ନେଇ ପ୍ରଥମ କରି ଏହି ପରିଦର୍ଶନ ଆରମ୍ଭ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି । ରୋଗୀମାନେ ବିଏସ୍‌ୱାଇର ସବୁ ସୁବିଧା ବିଷୟରେ ସଚେତନ ନା ନାହିଁ, ସେ ଉପରେ ସେମାନଙ୍କୁ ସଚେତନ କରାଯିବା ସହ ସେମାନେ ଭଲ ସେବା ପାଉଛନ୍ତି ନାହିଁ, ତାହା ସୁନିଶ୍ଚିତ କରିବାକୁ ଏହି ପରିଦର୍ଶନ କରାଯାଇଥିବା କୁହାଯାଇଛି । ଅନ୍ୟପଟେ ମୋ ସରକାର ୫-ଟି ଅଧୀନରେ ସ୍ୱାସ୍ଥ୍ୟ ବିଭାଗ ଆସୁଥିବା ଡାକ୍ତରଖାନାଗୁଡ଼ିକୁ ଦଲାଲ ମୁକ୍ତ କରିବା ବେଳେ ପାଇଁ ପୁଲିସ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ସଦର ଏସ୍‌ଡିପିଓ, ଟାଉନ୍ ଥାନାଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ତାର ଯାଞ୍ଚ ପାଇଁ ଆସିଥିବା ବେଳେ ସବୁ ସ୍ଥାନଗୁଡ଼ିକ ଦଲାଲ ମୁକ୍ତ କରାଯିବ ବୋଲି ସମ୍ବଲପୁର ଏସ୍‌ପି କହିଥିଲେ । ତେବେ ପ୍ରଥମ କରି ସମସ୍ତଙ୍କ ଜାଣତରେ ପରିଦର୍ଶନ କରାଯାଇଥିବା ବେଳେ ଆଗକୁ ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଆକସ୍ମିକ ଭାବେ ଚଢ଼ଉ କରାଯିବ ବୋଲି ସେ କହିଛନ୍ତି ।

ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଲୋକେ କିପରି ଏହାର ସୁଫଳ ପାଇପାରିବେ, ତାହା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ତା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିବା ବେଳେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଦାନ ସେବା ମାଧ୍ୟମରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ୨୪ ଘଣ୍ଟିଆ ଇସିଜି ଓ ଏକ୍ସରେ ସେବା ମିଳିବ । ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଗଣାରେ ରକ୍ତ ଯୋଗାଇବା ଓ ସମସ୍ତ ସୂଚନା ଓଡ଼ିଆରେ ପ୍ରକାଶ କରିବାକୁ ସୂଚନା ଫଳକ ସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

# ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ




ସମ୍ବଲପୁର: ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ସର୍ବ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାଜ ଗଠନରେ କନ୍ୟା ରତ୍ନଙ୍କ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ସିଡବ୍ଲ୍ୟୁସି ସଦସ୍ୟ ପୁଷ୍ପା ମହାପାତ୍ର ଏବଂ ଝରଣା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତିନୋଟି ଶିଶୁ ଯତ୍ନ ଅନୁଷ୍ଠାନର ବାଳିକା ଅନ୍ତେବାସିନୀ ଓ ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଶିଶୁଙ୍କ ଦକ୍ଷତା ବିକାଶ ପାଇଁ କୁଇଜ, ନୃତ୍ୟ, ଇତ୍ୟାଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା । ସୁକନ୍ୟା ଯୋଜନା, ବିବାହ ସହାୟତା ଓ ଶ୍ରେଷ୍ଠ ବିବେଚିତ ଛାତ୍ରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଭିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକୁ ଅଭିନାଶ ସାହୁ ଏବଂ ସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ । ସରିତା ମହାପାତ୍ର, ବବିତା କର, ରାଜଲକ୍ଷ୍ମୀ ପାଣ୍ଡେ, ସଲିଲ ଚୌଧୁରୀ, ଉତ୍ତମ ପ୍ରଧାନ, ବିଶ୍ୱଜିତ ସାହୁ ଓ ସତ୍ୟାନନ୍ଦ ଷଡଙ୍ଗୀ ସହଯୋଗ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra